■ ବ୍ଲକ୍ ଅଧ୍ୟକ୍ଷଙ୍କ ବଦାନ୍ୟତା

# ଆହତ ବ୍ୟକ୍ତିଙ୍କୁ ଅଟୋରେ ନେଲେ ଡାକ୍ତରଖାନା



**କୋରୁକୋଣ୍ଡା, ୧୯।୩(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସ୍ଥିତ ବ୍ରିଜ ନିକଟରେ ଏକ ପିକ୍‌ଅପ ଭ୍ୟାନ ପଛରେ ଧକ୍କା ଦେଇ ଗୁରୁତର ଆହତ ହୋଇଥିବା ଜଣେ ମୋଟରସାଇକେଲ ଚାଳକଙ୍କୁ ବ୍ଲକ ଅଧ୍ୟକ୍ଷ ଅଟୋ ଯୋଗେ ଡାକ୍ତରଖାନା ପଠାଇବା ବ୍ୟବସ୍ଥା କରିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ମାଲକାନଗିରିରୁ ବାଲିମେଳା ଅଭିମୁଖେ ଯାଉଥିବା ଏକ ପିକଅପ ଭ୍ୟାନ ପଛରେ ବାଇକ ଯୋଗେ ଯାଉଥିବା ତର୍ଲାକୋଟା ଗ୍ରାମ ପଞ୍ଚାୟତ ସଦରର ମୁକୁ ପଡ଼ିଆମୀ ବାଡ଼େଇ ହୋଇ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଆଘାତ ହେବା ସହିତ ଗୋଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ସେ ରାସ୍ତାରେ ପଡ଼ିଥିବା ବେଳେ ପଛରୁ ଆସୁଥିବା କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଡି ଦୁର୍ଘଟଣାସ୍ଥଳରେ ଅଟକିଥିଲେ। ଶ୍ରୀ ବୁରୁଡ଼ି ସ୍ଥାନୀୟ ତ୍ରିଲୋଚନ ଚୌଧୁରୀଙ୍କ ସହାୟତାରେ ଏକ ଅଟୋ ମାଧ୍ୟମରେ ଗୁରୁତର ବ୍ୟକ୍ତିଙ୍କୁ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା



**ମୈଦଲପୁର, ୧୯।୩(ସମିସ):** ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତ ସ୍ଥିତ ମା' ଗର୍ଭରାଇ ପୀଠର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ଅବସରରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରୁ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ୫୦୦ ମହିଳାଙ୍କ ଦ୍ୱାରା ୧ କିଲୋମିଟର ଦୂର ତୁରୀ ନଦୀରୁ ଭଜନ କୀର୍ତ୍ତନ କରି କଳସ ଯାତ୍ରା କରାଯାଇଥିଲା। ମଙ୍ଗଳବାର ସକାଳ ୭ଟାରୁ ରତ୍ନମୁଦ କରାଯିବ। ବିକ୍ରମପୁର ଗ୍ରାମର ପଞ୍ଚାନନ ତ୍ରିପାଠୀଙ୍କ ସହ ୬ ଜଣ ପୁରୋହିତ କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

■ ସାଧାରଣ ନିର୍ବାଚନ ପାଇଁ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

# ମାଓପ୍ରବଣ ବୁଥ୍‌ରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି




**ଗୁଣୁପୁର, ୧୯।୩(ସମିସ):** ୨୦୨୪ ସାଧାରଣ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନିମନ୍ତେ ଗୁଣୁପୁର ଆଦର୍ଶ ଥାନା ପୁଲିସ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ ଏସ୍‌ପି ହରିଶ ବିଶିଙ୍କ ନିର୍ଦ୍ଦେଶ କ୍ରମେ ଗୁଣୁପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ ଏବଂ ଆଦର୍ଶ ଥାନା ଅଧିକାରୀ ଉତ୍ତମ କୁମାର ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ଥାନାଠାରୁ ପୁଲିସ କର୍ମଚାରୀମାନେ ଏକ ପଦଯାତ୍ରାରେ ବାହାରି ସହରର ମୁଖ୍ୟ ରାସ୍ତା ଓ ଆଖପାଖ ଅଞ୍ଚଳରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଗୁଣୁପୁର ଥାନା ଅଞ୍ଚଳରେ ବେଆଇନ ମଦ କାରବାର ବନ୍ଦ କରିବା ସହ ଅସାମାଜିକ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖାଯାଇଛି ବୋଲି ଥାନା ଅଧିକାରୀ ଶ୍ରୀ ସାହୁ କହିଛନ୍ତି। ଗୁଣପୁର ନିର୍ବାଚନମଣ୍ଡଳୀର ୨୩ଟି ବୁଥ୍ ଅଞ୍ଚଳରେ ଯବାନମାନେ ପଇଁତରା ମାରିବାକୁ ଏସ୍‌ପିଙ୍କ ନିର୍ଦ୍ଦେଶ ରହିଥିବା ଯୋଗୁଁ ଏହି

● **ବେଆଇନ ମଦ କାରବାର ଉପରେ ରୋକ୍**

ବୁଥ୍ ଅଞ୍ଚଳରେ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ କାର୍ଯ୍ୟ କରିବ ବୋଲି ଏସ୍‌ଡିପିଓ ଶ୍ରୀ ନାୟକ କହିଛନ୍ତି। ଏହି ଫ୍ଲାଗ୍ ମାର୍ଚ୍ଚରେ ସିଆର୍‌ପିଏଫ୍ ପକ୍ଷରୁ ଏକ ପ୍ଲାଟୁନ ଯବାନ ପୁଲିସକୁ ସହଯୋଗ କରିଥିଲେ। ଆଗାମୀ ନିର୍ବାଚନ କିଭଳି ଶାନ୍ତିପୂର୍ଣ୍ଣ ଭାବେ ସମାପନ ହେବ ସେ ନେଇ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବିଳମ୍ବ

# ୩ ହଜାର ପରିବାର ଭୋଗୁଛନ୍ତି ଜଳକଷ୍ଟ

**ମାଲକାନଗିରି, ୧୯।୩(ସମିସ)**





ଚଳିତ ବର୍ଷ ରାଜ୍ୟରେ ଗ୍ରୀଷ୍ମ ପ୍ରଭାବ ଅଧିକ ଅନୁଭୂତ ହେବ ବୋଲି ପୂର୍ବାନୁମାନ କରାଯାଇଥିବା ବେଳେ ଅନେକ ସ୍ଥାନରେ ଜଳାଭାବକୁ ଦୂର କରିବା ପାଇଁ ରାଜ୍ୟ ସରକାର ବୃହତ ପାନୀୟ ଜଳ ପ୍ରକଳ୍ପ ମାନ ଘୋଷଣା କରିଛନ୍ତି। ଜଳ କଷ୍ଟ ଦୂର କରିବା ପାଇଁ ସରକାର ତତ୍ପର ଥିବା ବେଳେ ଦାୟିତ୍ୱରେ ଥିବା ଠିକାଦାର ପ୍ରକଳ୍ପ କାର୍ଯ୍ୟ ଧିମା ଗତିରେ କରୁଥିବାରୁ ତାହା ଅଧପନ୍ତରିଆ ଅବସ୍ଥାରେ ପଡ଼ିଛି। ଲୋକେ ଗ୍ରୀଷ୍ମ ଋତୁରେ ତୀବ୍ର ଜଳକଷ୍ଟ ଭୋଗିବେ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ମାଟାପାକା ପଞ୍ଚାୟତରେ ୩ ହଜାରରୁ ଊର୍ଦ୍ଧ୍ୱ ପରିବାର ଚଳିତ ବର୍ଷ ଗ୍ରୀଷ୍ମ ଆରମ୍ଭରୁ ଜଳ କଷ୍ଟ ଭୋଗୁଥିବା ଅଭିଯୋଗ କରିଛନ୍ତି। ମାଟାପାକା ପଞ୍ଚାୟତର ମାଟାପାକା, କତାମାଟେରୁ, କୋୟାଗିରି, ଆକରପାଲ୍ଲୀ ଇତ୍ୟାଦି ୧୦ଟି ଗ୍ରାମର ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଗ୍ରାମକୁ ଘରେ ଘରେ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବା ପାଇଁ ଗତ ଏକ ବର୍ଷ ପୂର୍ବେ ଠିକାଦାର ପାଇପ ବିଛାଇଥିଲେ। କିନ୍ତୁ ମାଟାପାକା ପଞ୍ଚାୟତ ସଦର ମହକୁମାରେ ଏକ ବୃହତ ଟାଙ୍କି ନିର୍ମାଣ କାର୍ଯ୍ୟ ଦୁଇ ବର୍ଷ ତଳୁ ଆରମ୍ଭ ହୋଇଥିବା ବେଳେ ତାହା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ। ଗ୍ରାମ ଠାରୁ ଦୁଇ କିଲୋମିଟର ଦୂରରେ ପମ୍ପ ହାଉସ ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ଅଧପନ୍ତରିଆ ହୋଇ ପଡ଼ିଥିବା ବେଳେ ତା'ର ଚାରିପଟେ ପାଚେରୀ ନିର୍ମାଣ କରି ରଙ୍ଗ ମାରି ଠିକାଦାର ଛାଡି ଦେଇଛନ୍ତି। ଫଳରେ ପଞ୍ଚାୟତର ୩ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ଏବେଠୁ ଜଳ ସଙ୍କଟର ସମ୍ମୁଖୀନ ହେଲେଣି। ଏନେଇ ମାଟାପାକା ସରପଞ୍ଚ ମାସେ ମାଡକାମି, ଗ୍ରାମ ମୁଖିଆ କେସା ବାଞ୍ଜାମି, ପୂର୍ବତନ ସରପଞ୍ଚ ଝରଣା ମାଢ଼ି, ସୋମନାଥ ମାଡକାମି, କତାମାଟେରୁ ଗ୍ରାମର ସନା ସୋଡି, ସଞ୍ଜୟ ସୋଡି, କୋୟାଗିରି ଗ୍ରାମର ଅଜିତ କୁଞ୍ଜାମୀ, ଦେବେନ୍ଦ୍ର କବାସୀ, ଆକରପାଲୀ ଗ୍ରାମର ନବୀନ ମାଡକାମି, ମାଟାପାକାର ପୂର୍ବତନ ସରପଞ୍ଚ ବିନାୟକ ମାଡକାମି ପ୍ରମୁଖ କହିଛନ୍ତି ଯେ କୋଟି କୋଟି ଟଙ୍କାର ପାଇପ କିଣାଯାଇ ସମ୍ପୃକ୍ତ କମ୍ପାନୀ ସରକାରଙ୍କ ଠାରୁ ଅର୍ଥ ନେଇଛନ୍ତି। ଠିକାଦାର ମେସିନ ଦ୍ୱାରା ଗାତ ଖୋଳି ପାଇପ ଲାଇନ ବିଛାଇଛନ୍ତି। ହେଲେ ଅଦ୍ୟାବଧି ଜଳଯୋଗାଣ ହୋଇପାରିନାହିଁ। ଏହି ପ୍ରକଳ୍ପ କେବେ କାର୍ଯ୍ୟକାରୀ ହେବ ଓ ଲୋକେ ଟୋପାଏ ପିଇବା ପାଣି ପାଇବେ ତାହା ସବୁଠୁ ବଡ଼ ପ୍ରଶ୍ନବାଚୀ ହୋଇଛି।

ମାଓ ଦମ୍ପତିଙ୍କ ଆତ୍ମସମର୍ପଣ

# ଉଭୟଙ୍କ ପାଇଁ ଥିଲା ୯ ଲକ୍ଷ ଟଙ୍କାର ପୁରସ୍କାର



**ମାଲକାନଗିରି, ୧୯।୩(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ରାଜ୍ୟ ଛତିଶଗଡ଼ ସୁକୁମା ଜିଲ୍ଲା ପୁଲିସ ନିକଟରେ ସାତଲକ୍ଷ ଇନାମୀ ମାଓ ଦମ୍ପତି ଆତ୍ମସମର୍ପଣ କରିଛନ୍ତି। ଏ ସମ୍ବନ୍ଧରେ ସୁକୁମା ପୁଲିସ ଦେଇଥିବା ତଥ୍ୟ ଅନୁଯାୟୀ ସୁକୁମା ଜିଲ୍ଲା କିସ୍ତାରାମ ଅଞ୍ଚଳର ସକ୍ରୀୟ ମାଓ ଦମ୍ପତି ସୋଡ଼ି ସୁକ୍କା ଓରଫ ସୋଡ଼ି କେସା ଏବଂ ସୋଡ଼ି ସୁକୀ ମଙ୍ଗଳବାର ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ ସରକାର ସୋଡ଼ି ସୁକ୍କାଙ୍କ ଉପରେ ୫ ଲକ୍ଷ ଟଙ୍କାର ଇନାମ ଘୋଷଣା କରିଥିବାବେଳେ ସୋଡ଼ି ସୁକୀଙ୍କ ଉପରେ ଦୁଇ ଲକ୍ଷ ଇନାମ ରାଶୀ ଘୋଷଣା କରିଛନ୍ତି। ତେବେ ସୋଡ଼ି ସୁକ୍କା ମାଓ ସଙ୍ଗଠନର ଏରିଆ କୃଷି କମିଟି ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିବାବେଳେ ସୋଡ଼ି ସୁକୀ ଏରିଆ କେଏଏମ୍‌ଏସ୍ ସଦସ୍ୟା ଭାବେ କାର୍ଯ୍ୟ କରୁଥିଲ। ସୋଡ଼ି ସୁକା ୨୦୦୧ ମସିହାରେ ମାଓ ସଂଗଠନରେ ଯୋଗ ଦେଇଥିବାବେଳେ ସେ ୨୦୦୧ରୁ ୨୦୦୪ ପର୍ଯ୍ୟନ୍ତ ଗୋଲାପଲ୍ଲୀ ଏଲଓଏସ ସଦସ୍ୟ ଭାବେ, ୨୦୦୫ରୁ ୨୦୦୭ ପର୍ଯ୍ୟନ୍ତ ଏଲଓଏସ କମାଣ୍ଡର ଓ ୨୦୦୭ରୁ ୨୦୧୪ ପର୍ଯ୍ୟନ୍ତ କିସ୍ତାରାମ ଏରିଆ କମିଟି କୃଷି ଅଧ୍ୟକ୍ଷ, ୨୦୧୫ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କୃଷି ଶାଖା ଡିଏକେଏମଏସ. ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲ। ସେହିପରି ସୋଡ଼ି ସୁକୀ ୨୦୦୬ ମସିହାରେ ଗୋଲାପଲ୍ଲୀ ଏଲଓସି ସଦସ୍ୟା ଭାବେ ଯୋଗଦେଇଥିବା ବେଳେ ୨୦୦୮ ରୁ ୨୦୧୧ ପର୍ଯ୍ୟନ୍ତ କୃଷି କମିଟି ସଦସ୍ୟା, ୨୦୧୪ରୁ ବର୍ତ୍ତମାନ ସୁଦ୍ଧା କେଏମଏସ ସଦସ୍ୟା ଭାବେ କାର୍ଯ୍ୟ କରୁଥିଲ। ତେବେ ବର୍ତ୍ତମାନ ଛତିଶଗଡ଼ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ଆତ୍ମ ସମର୍ପଣକାରୀଙ୍କୁ ଥଇଥାନ, ବିଭିନ୍ନ ସ୍ଥାନରେ ପୁଲିସ କ୍ୟାମ୍ପ ପ୍ରତିଷ୍ଠା ହୋଇଥିବା ବେଳେ ବର୍ତ୍ତମାନ ମାଓ ସଂଗଠନରେ ପୂର୍ବ ଆଦର୍ଶ ନଥିବା ଏବଂ ଉଚ୍ଚ ପଦସ୍ଥ ମାଓବାଦୀମାନେ ଏମାନଙ୍କୁ ସମ୍ମାନ ନଦେବା ସହ ନିରୀହ ଗ୍ରାମବାସୀଙ୍କୁ ହତ୍ୟା କରୁଥିବାରୁ ଏହି ଦୁଇ ମାଓ ଦମ୍ପତି ଆତ୍ମ ସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଆତ୍ମ ସମର୍ପଣ ସମୟରେ ସୁକମା ଏସପି କିରଣ ଚୌହାନ ଓ ଅତିରିକ୍ତ ଏସପି ଉତ୍ତମ ପ୍ରତାପ ସିଂ ପ୍ରମୁଖ ଉପସ୍ଥିତ ଥିଲ।

# ଜୁଆ ଆଡ୍ଡା ଉପରେ ଚଢ଼ଉ, ୯ ବାଇକ୍ ଜବତ



**ବୋରିଗୁମ୍ମା,୧୯।୩(ସମିସ) :** ବୋରିଗୁମ୍ମା ଥାନା ଅନ୍ତର୍ଗତ ଜୁଝାରୀ ନୀଳଗିରି ଜଙ୍ଗଲରେ ଲୁକ୍କାୟିତ ଭାବେ ଚାଲୁଥିବା ଏକ ଜୁଆ ଆଡ୍ଡା ଉପରେ ଚଢ଼ଉ କରିଛି ବୋରିଗୁମ୍ମା ପୁଲିସ। କୌଣସି ସୂତ୍ରରୁ ଖବର ପାଇ ବୋରିଗୁମ୍ମା ଏସ୍‌ଡିପିଓ ତପସ୍ୱିନୀ କହଁରଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ସୋମବାର ବିଳମ୍ବିତ ସନ୍ଧ୍ୟାରେ ଅତର୍କିତ ଭାବେ ସେହି ଆଡ୍ଡା ଉପରେ ଚଢ଼ଉ କରିଥିଲେ। ଘଟଣା ସ୍ଥଳରୁ ପୁଲିସ ୯ଟି ବାଇକ, ୧୨୪୦ ଟଙ୍କା ଓ ୫ ପ୍ୟାକେଟ ତାସ୍ ଜବତ କରିଛି। ତେବେ କୌଶଳକ୍ରମେ ଘଟଣାସ୍ଥଳରୁ ଜୁଆଡ଼ିମାନେ ଦୌଡ଼ି ପଳାଇଥିଲେ। ତେବେ ଜୁଆ ଖେଳରେ କେତେକ ଲୋକ ସମ୍ପୃକ୍ତ ଅଛନ୍ତି ପୁଲିସ ତାହାର ତଦନ୍ତ କରୁଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଆଇଆଇସି ଯୁଗଳ କିଶୋର ସା। ଅନ୍ୟମାନଙ୍କ ମଧ୍ୟରେ ଏଏସଆଇ ଚନ୍ଦନ ପ୍ରସାଦ ମାଝୀ, ଗୋପାଳ ହରିଜନ, ପିଏସଆଇ ମାନସ କୁମାର ହେମ୍ବ୍ରମ, ଦିପ୍ତୀ ରଞ୍ଜନ ନାୟକ ପ୍ରମୁଖ ଜୁଆ ଆଡ୍ଡା ଚଢ଼ଉରେ ସାମିଲ ହୋଇଥିଲେ।

# କୃଷି ଓ ବୃକ୍ଷରୋପଣ ଅଞ୍ଚଳରେ ବୁନ୍ଦାଜଳ ସିଞ୍ଚନକୁ ନେଇ କର୍ମଶାଳା

**ମାଲକାନଗିରି,୧୯।୩(ସମିସ):** ପୌର ପରିଷଦ ଅଞ୍ଚଳ ମୁଣ୍ଡାଗୁଡ଼ା କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ କୃଷି ସମ୍ବନ୍ଧୀୟ ବିଭିନ୍ନ ବିଭାଗ ଏବଂ ବନ ବିଭାଗକୁ ନେଇ ବୁନ୍ଦା ଜଳସିଞ୍ଚନ ସମ୍ବନ୍ଧରେ ଦିନିକିଆ କର୍ମଶାଳା ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସିଦ୍ଧାର୍ଥ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣତଃ ଆମ ରାଜ୍ୟରେ କୃଷକ ମାନେ ବର୍ଷାଦିନେ ଖରିଫ ଚାଷ କରିବା ସହ ବୃକ୍ଷରୋପଣ ମଧ୍ୟ ବର୍ଷା ଋତୁରେ ହୋଇଥାଏ। ଜୁଲାଇ ପ୍ରଥମ ସପ୍ତାହରୁ ବନ ମହୋତ୍ସବ ପାଳନ କରାଯାଇ ବିଭିନ୍ନ ବିଭାଗ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଚାଲିଥାଏ। କିନ୍ତୁ ଗ୍ରୀଷ୍ମ ଋତୁରେ ଅଣ ଜଳସେଚିତ ଅଞ୍ଚଳରେ ଚାଷୀମାନେ ଚାଷ କରି ପାରନ୍ତି ନାହିଁ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆର୍ଥିକ ଅନୁଦାନରେ ବିଭିନ୍ନ ଅଞ୍ଚଳରେ ଜଳ ସଂରକ୍ଷଣ ପାଇଁ ପୁଷ୍କରଣୀ, ଚେକ ଡ୍ୟାମ ଇତ୍ୟାଦି କରାଯାଇ ଚାଷ ଏବଂ ବୃକ୍ଷରୋପଣ କରାଯାଉଅଛି। ଅଳ୍ପ ଜଳରେ କିପରି ଭଲ ଫସଲ ହୋଇପାରିବ ଏବଂ ରୋପଣ ବୃକ୍ଷ ଗୁଡ଼ିକ କିପରି ଜୀବିତ ରହି ତାହାର ବୃଦ୍ଧି ଘଟିବ ସେଥିପାଇଁ ବୁନ୍ଦାଜଳ ସେଚନ ସମ୍ବନ୍ଧରେ ଉପସ୍ଥିତ ବୈଜ୍ଞାନିକମାନେ ଓ ବିଭାଗୀୟ ଅଧିକାରୀମାନେ ନିଜ ନିଜର ମତ ରଖିଥିଲେ। ଯାହାଦ୍ୱାରା କମ୍ ଜଳ ଓ କମ୍ ଖର୍ଚ୍ଚରେ ଚାଷ କାର୍ଯ୍ୟ ସହ ବୃକ୍ଷରୋପଣର ସୁଫଳ ମିଳିବ ଏବଂ ଏହାର କିକି ପଦ୍ଧତି ଅବଲମ୍ବନ କରାଯିବ ସେ ସମ୍ବନ୍ଧରେ କର୍ମଶାଳାରେ ବୈଜ୍ଞାନିକମାନେ ବୁଝାଇଥିଲ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ, କୃଷି ବିଭାଗ ଉପ ନିର୍ଦ୍ଦେଶକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ବନ ବିଭାଗର କର୍ମଚାରୀମାନେ, ଆମ ଜଙ୍ଗଲ ଯୋଜନାର କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲ।



# ସରିଲା କୋରୁକୋଣ୍ଡା ବଡ଼ ଯାତ୍ରା, ସହସ୍ରାଧିକ ଭକ୍ତଙ୍କ ସମାଗମ





**କୋରୁକୋଣ୍ଡା, ୧୯।୩(ସମିସ)**

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦରରେ ପ୍ରତି ଦୁଇ ବର୍ଷରେ ଥରେ ବହୁ ପ୍ରସିଦ୍ଧ ବଡ ଯାତ୍ରା ଅନୁଷ୍ଠିତ ହୁଏ। ବର୍ଷ ବର୍ଷ ଧରି ହେଉଥିବା ବଡ ଯାତ୍ରାରେ ବାଜା ରୋଷଣୀରେ ସ୍ୱତନ୍ତ୍ର ବିମାନ ଯୋଗେ ଗ୍ରାମଦେବୀ ମା' ମାଉଳି ଗ୍ରାମ ପରିକ୍ରମା କରନ୍ତି। ଲୋକ କଥା ଅନୁଯାୟୀ କାହିଁ କେଉଁ କାଳରୁ କୋରୁକୋଣ୍ଡା ଗ୍ରାମ ନିକଟରେ ଥିବା ପାହାଡ ଶିଖରରେ ରହନ୍ତି ମାଉଳି ଦେବୀ। ବିଭିନ୍ନ ପୂଜା ପର୍ବରେ ପୂଜକ ଯାଇ ମା'ଙ୍କୁ ସେଠାରେ ପୂଜାର୍ଚ୍ଚନା କରନ୍ତି। ହେଲେ ମା' ଦୁଇ ବର୍ଷରେ ଥରେ ପାହାଡ ଶିଖରରୁ ତଳକୁ ଓହ୍ଲାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ଭକ୍ତମାନେ ଏହାକୁ ମା' ମାଉଳି ବଡ ଯାତ୍ରା ରୂପେ ପାଳନ କରନ୍ତି। ମା'ଙ୍କ ପୂଜକ ବଳରାମ ପୂଜାରୀଙ୍କ କହିବାନୁସାରେ ପୂଜକମାନେ ପ୍ରତ୍ୟେକ ଦିନ ପାହାଡ ଶିଖରରେ ଥିବା ମା'ଙ୍କ ଆସ୍ଥାନକୁ ଯାଇ ପୂଜା କରୁଥିଲେ। ବର୍ତ୍ତମାନ ଦୁଇ ବର୍ଷରେ ଥରେ ସେଠାକୁ ଯାଇ ମା'ଙ୍କୁ ଆବାହନ କରି ଆଣି ପାଦଦେଶରେ ପୂଜା କରାଯିବା ସହ ମା'ଙ୍କୁ ନଗର ଭ୍ରମଣ କରାଇ ଅସ୍ଥାୟୀ ମଣ୍ଡପରେ ବିଜେ କରାଇଥାନ୍ତି। ଚଳିତ ବର୍ଷ ମଧ୍ୟ ଏହି ବଡ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ଦିନ ମା'ଙ୍କ ବିଗ୍ରହ ଗଠନ ସହିତ ପାହାଡ ଶିଖରରେ ଥିବା ମା'ଙ୍କ ପୀଠକୁ ପୂଜକଙ୍କ ସମେତ ଅନେକ ଭକ୍ତ ଯାଇ ସେଠାରୁ ମା'ଙ୍କୁ ବରଣ କରି ପାହାଡ ପାଦ ଦେଶରେ ସ୍ଥାପନା କରିଥିଲେ। ଏହା ସହିତ ଅଞ୍ଚଳର ବିଭିନ୍ନ ଗ୍ରାମରେ ପୂଜା ପାଉଥିବା ଗ୍ରାମ ଦେବୀଙ୍କୁ ବରଣ କରାଯାଇ ଓ ବହୁ ଗ୍ରାମର ଗ୍ରାମଦେବୀ ନିଜ ନିଜ କାଳିସୀ ଠାକୁର ଆବାହନ ହେଉଥିବା ଲାଠି ସହିତ ବଡ ଯାତ୍ରାରେ ଯୋଗ ଦେଇଥାନ୍ତି। ସେହିପରି ପୂଜାର ଦ୍ୱିତୀୟ ଦିନରେ ମା' ସେଠାରେ ରହି ଭକ୍ତଙ୍କୁ ଦର୍ଶନ ଦେବା ସହିତ ଭୋଗ ଗ୍ରହଣ କରିଥାନ୍ତି। ସନ୍ଧ୍ୟା ପରେ ଭକ୍ତଙ୍କ ଗହଳି ସହିତ ବିଭିନ୍ନ ପାଟ ପଟୁଆରରେ ମା'ଙ୍କ ଅସ୍ଥାୟୀ ମଣ୍ଡପ ମାଣ୍ଡିଆ ଭଟାକୁ ଆଗମନ କରନ୍ତି। ତୃତୀୟ ଦିବସରେ ଦିନ ତମାମ ମା'ଙ୍କୁ ଭକ୍ତ ମାନେ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥାନ୍ତି। ସନ୍ଧ୍ୟାରେ ବିଭିନ୍ନ ପାଟ ପଟୁଆର ଓ ଆତସବାଜି ସହିତ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ମା' ମାଉଳି ମା ମନ୍ଦିର ଅଭିମୁଖେ ଗମନ କରନ୍ତି। ଏହି ସମୟରେ ରାସ୍ତା ସାରା ମା' ରହି ରହି ଭକ୍ତଙ୍କ ଭୋଗ ଗ୍ରହଣ କରି ମନ୍ଦିର ସମ୍ମୁଖ ଅସ୍ଥାୟୀ ମଣ୍ଡପଠାରେ ରାତ୍ର ଦୁଇ ଘଟିକା ସମୟରେ ପହଞ୍ଚନ୍ତି। ଚତୁର୍ଥ ଓ ପଞ୍ଚମ ଦିନରେ ମନ୍ଦିର ନିକଟ ଅସ୍ଥାୟୀ ମଣ୍ଡପରେ ମା' ସହସ୍ରାଧିକ ଭକ୍ତଙ୍କ ଭୋଗ ଗ୍ରହଣ କରିବା ସହିତ ମା'ଙ୍କ ଆଶୀଷ ଲାଭ କରିଥାନ୍ତି। ପରମ୍ପରା ଅନୁଯାୟୀ ଯାତ୍ରା ଶେଷ ଦିନ ସକାଳ ଚାରିଟାରେ ମା'ଙ୍କୁ ବିଦାୟ ଦିଆଯାଏ। ମଙ୍ଗଳବାର ଏହି ଯାତ୍ରାର ଶେଷ ଦିନ ହୋଇଥିବା ବେଳେ ଏହି ଯାତ୍ରାରେ ଯିଏ ଯାହା ମାଗେ ମା' ତାଙ୍କ ମନସ୍କାମନା ପୂରଣ କରନ୍ତି ବୋଲି ଭକ୍ତମାନେ ପ୍ରକାଶ କରିଛନ୍ତି। ଏହି ବଡ ଯାତ୍ରା ଅବସରରେ ମୀନା ବଜାର ସମେତ ବିଭିନ୍ନ ପ୍ରକାର ଦୋଳି ଯାତ୍ରାକୁ ମନମୁଗ୍ଧକର କରିଥାଏ। ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ସ୍ଥାନୀୟ ପୁଲିସ, ଯୁବକ ସଂଘ ସଦସ୍ୟଙ୍କ ସମେତ ବ୍ଲକ ଡ୍ରାଇଭର ମହାସଂଘର କର୍ମକର୍ତ୍ତା, ପୂଜା କମିଟି ସଦସ୍ୟ ଓ ଅଗ୍ନିଶମ କର୍ମଚାରୀ ସହଯୋଗ କରିଛନ୍ତି ବୋଲି ପୂଜା କମିଟି ସଭାପତି କୈଳାସ ଦୋରା ପ୍ରକାଶ କରିଛନ୍ତି।

# ପ୍ରଶାସନ ଓ ପୁଲିସ ମଧ୍ୟରେ ବୈଠକ

**ଉମରକୋଟ,୧୯।୩(ସମିସ):** ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନ ଯେପରି ଅବାଧ, ମୁକ୍ତ ଓ ନିରପେକ୍ଷ ଭାବେ ନିର୍ବାଚନ ହେବ ଓ ଏଥିପାଇଁ ଯେପରି ସାଧାରଣ ପୁଲିସ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରହିବ ତାହାକୁ ଦୃଷ୍ଟି ଦେଇ ଉମରକୋଟ ବ୍ଲକ୍ ସମ୍ମିଳନୀ କକ୍ଷଠାରେ ପୁଲିସ ଓ ପ୍ରଶାସନ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉମରକୋଟ ବିଡିଓ ପ୍ରୀତି ରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏବିଡିଓ, ପୁଲିସ ଏସ୍‌ଡିପିଓ ମଧୁସିକ୍ତା ମିଶ୍ର, ଉମରକୋଟ ଆଇଆଇସି ଡମ୍ବରୁ ଧର ପ୍ରଧାନ ଓ ସମସ୍ତ ସେକ୍ଟର ଅଫିସରମାନେ ଉପସ୍ଥିତ ଥିଲେ। ନିର୍ବାଚନ ଯେପରି ଶାନ୍ତି, ଅବାଧ, ନିରପେକ୍ଷ ହୋଇ ପାରିବ ସେନେଇ ବିଶଦ ଭାବେ ଆଲୋଚନା ହୋଇଥିଲା। ଉମରକୋଟ ଥାନାରେ ମାଓବାଦୀଙ୍କ ଗତିବିଧି, ବୁଥ୍‌ରେ ଯଦି ଅସାମାଜିକ ଲୋକ ଅଛନ୍ତି ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ଓ କୌଣସି ରାଜନୈତିକ ଦଳ ଯେପରି ଭୋଟରଙ୍କୁ ପ୍ରଭାବିତ କହିବା ପାଇଁ ଟଙ୍କା ବା ଅନ୍ୟ କିଛି ସାମଗ୍ରୀ ବଣ୍ଟନକୁ କିପରି ରୋକ ଲଗାଯିବ ଏଥିପଇଁ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିବା ଉମରକୋଟ ବିଡିଓ ପ୍ରୀତି ରଞ୍ଜନ ରଥ ସୂଚନା ଦେଇଛନ୍ତି।



ସକାଳ
THE SAKALA



# ମାତାଲ ପ୍ରଧାନଶିକ୍ଷକ ନିଲମ୍ବିତ

**ରାୟଗଡ଼ା, ୧୯।୩(ସମିସ):** ତେନ୍ତାଲିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁଙ୍କୁ କାର୍ଯ୍ୟରେ ଅବହେଳା ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ଡ.ବସନ୍ତ କୁମାର ନାୟକ ନିଲମ୍ବିତ କରିଛନ୍ତି। ରାୟଗଡ଼ା ଜିଲ୍ଲା ସଦର ବ୍ଲକ ତେନ୍ତାଲିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ସାହୁଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ହୋଇଛି। ସେ ବିଦ୍ୟାଳୟକୁ ନିଶାସକ୍ତ ଅବସ୍ଥାରେ ଆସିବା ଏବଂ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଶିକ୍ଷକଶିକ୍ଷୟତ୍ରୀମାନଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଓ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନରୁ ବଞ୍ଚିତ କରିବା ଭଳି ଅନେକ ଅଭିଯୋଗ ନେଇ ତାଙ୍କ ବିରୋଧରେ ସୋମବାର ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟସଦସ୍ୟା ଏବଂ ଶିକ୍ଷକଶିକ୍ଷୟତ୍ରୀମାନେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ନାୟକଙ୍କୁ ଭେଟି ଅଭିଯୋଗ କରିଥିଲେ। ମଙ୍ଗଳବାର ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ନାୟକ ତେନ୍ତାଲିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗସ୍ତ କରିଥିବା ବେଳେ ପ୍ରଧାନଶିକ୍ଷକ ଶ୍ରୀ ସାହୁ ଅନୁପସ୍ଥିତ ରହିଥିଲେ। ପ୍ରଧାନଶିକ୍ଷକଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ନେଇ ଜିଲ୍ଲା ଶିକ୍ଷାଧିକାରୀ ବିଦ୍ୟାଳୟ କର୍ତ୍ତୃପକ୍ଷ, ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟସଦସ୍ୟାମାନଙ୍କ ସହ ପୁଣି ଥରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପରେ ପ୍ରଧାନଶିକ୍ଷକ ନିଜ ଦାୟିତ୍ୱ ଏବଂ ବିଦ୍ୟାଳୟ ପରିଚାଳନାରେ ଅବହେଳା କରିଥିବା ଜାଣିବାକୁ ପାଇ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ନାୟକ ପ୍ରଧାନଶିକ୍ଷକ ଶ୍ରୀ ସାହୁଙ୍କୁ ନିଲମ୍ବନ କରିଛନ୍ତି।

# ୭୭୫ କିଗ୍ରା ଗଞ୍ଜେଇ ଜବତ, ଦୁଇ ଗିରଫ




**ମାଲକାନଗିରି, ୧୯।୩(ସମିସ):** କାଳିମେଳା ଥାନା ପୁଲିସ ୭୭୫ କିଲୋଗ୍ରାମର ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲା କାଳିମେଳା ଥାନା ଅନ୍ତର୍ଗତ ପାପୁଲୁର ଓ କୁର୍ମାନୁର ଅଞ୍ଚଳରେ ପୁଲିସ ଟିମ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଚାଲାଣ ଖବର ପାଇଥିଲେ। ପେଟାଲ ଜଙ୍ଗଲରେ ଗଞ୍ଜେଇ ଗଚ୍ଛିତ ଥିବା ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ସେଠାରେ ଚଢଉ କରି ୭୭୫ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିଲେ। ଏହାସହ ଘଟଣା ସ୍ଥଳରୁ ମୁଦୁଲିଗୁଡା ଗାଁର ଦୁଇ ଜଣ ବ୍ୟକ୍ତି ଜଗତରାଇ ମୁଦୁଲି ଓ ସୋନା ମୁଦୁଲିକୁ ଗିରଫ କରିଥିଲେ। ଏହି ଗଞ୍ଜେଇକୁ ସେମାନେ ଆନ୍ଧ୍ରପ୍ରଦେଶକୁ ଚୋରା ଚାଲାଣ କରିବା ଲାଗି ରଖିଥିବା ଜଣା ପଡ଼ିଛି। ଜବତ ଗଞ୍ଜେଇର ବଜାର ମୂଲ୍ୟ ପ୍ରାୟ ୪୦ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଚୋରି ଘଟଣାରେ ୫ ଗିରଫ



**ମାଲକାନଗିରି,୧୯।୩(ସମିସ):** ମାଲକାନଗିରି ଜିଲ୍ଲା ପୁଲିସ ଦ୍ୱାରା ବିଭିନ୍ନ ଚୋରି ମାମଲାରେ ଜଡ଼ିତ ଥିବା ୫ ଜଣ ଚୋର ଏବଂ ଏହି ସାମଗ୍ରୀ କିଣିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ ଚୋରି ସାମଗ୍ରୀ ଜବତ କରାଯାଇଛି। ଏନେଇ ସାମ୍ବାଦିକ ସମ୍ମିଳନୀରେ ମାଲକାନଗିରି ଏସଡିପିଓ ସଚିନ ପଟେଲ ସୂଚନା ଦେଇଛନ୍ତି। ଗିରଫ ହୋଇଥିବା ମୋଟ ୫ ଜଣଙ୍କ ମଧ୍ୟରେ ଦୁଇଜଣ ନାବାଳକ ଥିବା ବେଳେ ଅନ୍ୟମାନେ ହେଲେ ଜିଲ୍ଲା ସଦର ବସଷ୍ଟାଣ୍ଡ ନିକଟର ରାଜା ଶଗରିଆ, ରିକଲାମେସନ କଲୋନୀର ପବନ ନାଗ, ୧୧୯ କଲୋନୀର ସୂରଜ ପାଙ୍ଗି ଏବଂ ଚୋରି ସାମଗ୍ରୀ କିଣିଥିବା ବୁଟୀଗୁଡା ସାହିର ଏମଡି ଆଲାଦିନ ହଂସାରୀ। ଗିରଫ ଦୁଇ ନାବାଳକଙ୍କୁ ବାଳ ସୁଧାର କେନ୍ଦ୍ରକୁ ପଠା ଯାଇଥିବା ବେଳେ ଅନ୍ୟ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାନୁଯାୟୀ ମାଲକାନଗିରି ଜିଲ୍ଲା ସଦରରେ ଥିବା ୧୧୯ କଲୋନୀରେ ମାର୍ଚ୍ଚ ୧୦ରେ ଜଣେ ବ୍ୟକ୍ତିଙ୍କ ଘରୁ କିଛି ସୁନା ଓ ପ୍ରାୟ ୩ ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରୀ ହୋଇଥିବା ନେଇ ମାଲକାନଗିରି ଥାନାରେ ସେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ମାଲକାନଗିରି ଏସପି ନିତେଶ ୱାଧୱାନିଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଟିମ ଓ ସବ ଇନ୍ସପେକ୍ଟର ପ୍ରଭାତ ଗଉଡ଼ଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ସିସିଟିଭି ଯାଞ୍ଚ କରିବା ସହ ବିଭିନ୍ନ ସ୍ଥାନରୁ ସୁରାକ ପାଇ ମୋଟ ୫ ଜଣ ଚୋରଙ୍କୁ ଗିରଫ କରାଯାଇଛି। ତେବେ ପଚରାଉଚରା ବେଳେ ଏମାନେ ଜିଲ୍ଲା ସଦରରେ ଥିବା ସତସଙ୍ଗ କେନ୍ଦ୍ରରେ ମଧ୍ୟ ବିଗତ ଦିନରେ ହୋଇଥିବା ଚୋରି ମାମଲାରେ ସାମିଲ ଥିବା ନେଇ ପୁଲିସ ଜାଣିବାକୁ ପାଇଥିଲା। ଏହାପରେ ପୁଲିସ ସେମାନଙ୍କ ନିକଟରୁ ମୋଟ ୭୫ ହଜାର ଟଙ୍କା, ୨ଟି ସୁନା କାନଫୁଲ, ଲକେଟ, ଇନଭର୍ଟର, ବ୍ୟାଟେରୀ, ୨ଟି ଫ୍ୟାନ ଓ ୨ଟି ମୋବାଇଲ ଫୋନ ଆଦିକୁ ପୁଲିସ ଜବତ କରିଛି। ତେବେ ଏହି ଚୋରମାନଙ୍କ ନିକଟରୁ ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ପୁଲିସ ଜଣଙ୍କୁ ଗିରଫ କରିଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ସହ ଅନ୍ୟାନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲ୍ଲାର ୫୭୯ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଘର ନାହିଁ

# ସ୍କୁଲ, ଭଡ଼ା ଗୃହ ଓ ଗୋଷ୍ଠୀକେନ୍ଦ୍ରରେ ଚାଲିଛି ପାଠପଢ଼ା

**ରାୟଗଡ଼ା, ୧୯।୩(ସମିସ)**






ରାୟଗଡ଼ା ଜିଲ୍ଲା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକ୍ରମ ସରକାରଙ୍କ ମହିଳା ଓ ଶିଶୁକଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ହେଉଛି। ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମହିଳା ଓ ଶିଶୁମାନଙ୍କୁ ଅଙ୍ଗନବାଡି କେନ୍ଦ୍ର ମାଧ୍ୟମରେ ପରିପୂରକ ପୁଷ୍ଟିସାଧନ, ପ୍ରତିଷେଧକ ଟୀକାକରଣ, ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ସେବା, ସ୍ୱାସ୍ଥ୍ୟ ଓ ପୁଷ୍ଟି ସମ୍ବନ୍ଧୀୟ ଶିକ୍ଷା ଓ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଭଳି ସେବାଗୁଡିକ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଉଛି। ଜିଲ୍ଲାର ୧୮୨ଗୋଟି ଗ୍ରାମ ପଞ୍ଚାୟତରେ ୭୨ଟି ସେକ୍ଟର ମାଧ୍ୟମରେ ୨୦୮୨ଗୋଟି ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟ କରୁଥିବା ବେଳେ ଏଥି ମଧ୍ୟରେ ୧୫୦୩ ଗୋଟି ନିଜସ୍ୱ ଅଙ୍ଗନବାଡି କେନ୍ଦ୍ର ରହିଛି। ବଳକା ୫୭୯ଟି କେନ୍ଦ୍ର ସ୍କୁଲ, ଭଡା ଗୃହ ଓ ଗୋଷ୍ଠୀ କେନ୍ଦ୍ର ଦ୍ୱାରା ପରିଚାଳିତ ହେଉଛି। ଫଳରେ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହରେ ଯେଉଁ ସବୁ ସୁବିଧା ଉପଲବ୍ଧ ହେଉଛି ତାହା ସ୍କୁଲ ଗୃହ, ଭଡା ଗୃହ ଓ ଗୋଷ୍ଠୀ କେନ୍ଦ୍ରରେ ହିତାଧିକାରୀମାନଙ୍କୁ ସଠିକ୍ ଭାବେ ସେବା ଉପଲବ୍ଧ କରାଯାଇପାରୁ ନ ଥିବା ଜଣାପଡ଼ିଛି। ଜିଲ୍ଲାର ୫୪ଟି କେନ୍ଦ୍ର ସ୍କୁଲ ଗୃହରେ ଚାଲିଥିବା ବେଳେ ୨୮୨ଟି ଭଡା ଗୃହରେ ଏବଂ ୨୨୪ ଗୋଟି କେନ୍ଦ୍ର ଗୋଷ୍ଠୀ କେନ୍ଦ୍ରଗୁଡିକରେ ପରିଚାଳନା ହେଉଥିବା ଜଣାପଡ଼ିଛି। ସେହିପରି ୧୩୪୯ଟି କେନ୍ଦ୍ରରେ ନଳକୂପ ବ୍ୟବସ୍ଥା ରହିଥିବା ବେଳେ ୧୧୫ଟି କେନ୍ଦ୍ରରେ ପାଇପ ପାଣି ବ୍ୟବସ୍ଥା ରହିଛି ଏବଂ ୫୯୪ଟି କେନ୍ଦ୍ରରେ ପାଇଖାନା ବ୍ୟବସ୍ଥା ରହିଥିବା ବେଳେ ୧୪୮୮ କେନ୍ଦ୍ରରେ ପାଇଖାନା ବ୍ୟବସ୍ଥା ନ ଥିବା ବିଭାଗୀୟ ତଥ୍ୟରୁ ଜଣାପଡ଼ିଛି। ଆର୍ଥିକ ବର୍ଷ ୨୦୧୩ -୧୪ବର୍ଷ ଠାରୁ ୨୦୨୨-୨୩ ବର୍ଷ ମଧ୍ୟରେ ଜିଲ୍ଲାରେ ୮୫୫ ଗୋଟି ଅଙ୍ଗନବାଡି କେନ୍ଦ୍ର ଗୃହ ମନରେଗା ଯୋଜନା ମାଧ୍ୟମରେ ନିର୍ମାଣ କାର୍ଯ୍ୟ ହୋଇଥିବା ବେଳେ ଏଥିମଧ୍ୟରୁ ୬୭୯ଟି ଗୃହକୁ ହସ୍ତାନ୍ତର କରାଯାଇଥିବା ସ୍ଥଳେ ସମ୍ପୂର୍ଣ୍ଣ ହୋଇଥିବା ୨୪ଗୋଟି ଗୃହକୁ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ବିଭାଗକୁ ହସ୍ତାନ୍ତର କରାଯାଇନାହିଁ। ସେହିପରି ୩୦୮ଟି କେନ୍ଦ୍ର ନିର୍ମାଣାଧୀନ ରହିଥିବା ବେଳେ ଜିଲ୍ଲାର ୩୧ଟି କେନ୍ଦ୍ର ଗୃହକୁ ଭାଙ୍ଗି ଦିଆଯାଇଥିବା ବେଳେ ୬୬ଟି କେନ୍ଦ୍ର ଗୃହ ଅସୁରକ୍ଷିତ ଥିବା ବିଭାଗ ପକ୍ଷରୁ ଦର୍ଶାଯାଇଛି। ଅଙ୍ଗନବାଡି କେନ୍ଦ୍ର ଗୃହ ମାଧ୍ୟମରେ ପରିପୂରକ ପୁଷ୍ଟି ସାଧନ ସେବାରେ ସମସ୍ତ ଗର୍ଭବତୀ, ପ୍ରସୂତୀ ତଥା ୭ମାସରୁ ୬ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁ ହିତାଧିକାରୀଙ୍କୁ ରନ୍ଧାଖାଦ୍ୟ ଓ ଟିଏଚଆର ବଣ୍ଟନ କରାଯାଉଛି। ବର୍ତ୍ତମାନ ଜିଲ୍ଲାରେ ଏହି ଯୋଜନାରେ ଅର୍ନ୍ତଭୁକ୍ତ ଥିବା ବେଳେ ସେଥିମଧ୍ୟରୁ ୮୯୮୪ଜଣ ଗର୍ଭବତୀ, ୮୮୮୦ଜଣ ପ୍ରସୂତି, ୫୯୧୯ ଜଣ ୬ ମାସରୁ ୩ ବର୍ଷରୁ ଶିଶୁ ଏବଂ ୫୯୦୮ ଜଣ ୩ ବର୍ଷରୁ ୬ ବର୍ଷର ପ୍ରାକ୍ ବିଦ୍ୟାଳୟ ଶିଶୁ ଏବଂ ୪୭୦୧୧ଜଣ କିଶୋରୀ ବାଳିକା ଅର୍ନ୍ତଭୁକ୍ତ ଥିବା ନେଇ ବିଭାଗ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ଜିଲ୍ଲାରେ ୨୦୬୩ଟି ଅଙ୍ଗନବାଡି କେନ୍ଦ୍ର ରହିଥିବା ବେଳେ ସରକାରଙ୍କ ପିଏମ୍ ଜନମନ ଯୋଜନାରେ ଆଦିମ ଜନଜାତି ବସବାସ କରୁଥିବା ଜିଲ୍ଲାର ବିଷମକଟକ ବ୍ଲକରେ ୩ଟି, ଗୁଣପୁର ବ୍ଲକରେ ୧୩ଟି ଏବଂ କଲ୍ୟାଣସିଂହପୁର ବ୍ଲକରେ ଗୋଟିଏକୁ ମିଶାଇ ନୂତନ ଭାବେ ୧୯ଟି ଅଙ୍ଗନବାଡି କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଯାଇଛି। ଯଥାଶୀଘ୍ର ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ଗୁଡିକରେ ସମସ୍ତ ସେବା ଯେପରି ଉପଲବ୍ଧ ହେବ ସେ ନେଇ ଅଞ୍ଚଳବାସୀ ଦାବି କରୁଥିବା ବେଳେ ଅଙ୍ଗନବାଡି କର୍ମୀ ମଧ୍ୟ ନିଜ ସେବା ଠିକ୍ ଭାବେ ଯୋଗାଇ ପାରିବେ ବୋଲି କୁହାଯାଉଛି।

# ପିକ୍-ଅପ୍ ଭ୍ୟାନ୍ ଓଲଟି ୭ଗୁରୁତର; ତିନି ବଡମେଡିକାଲ ସ୍ଥାନାନ୍ତର



**ନନ୍ଦପୁର,୧୯।୩(ସମିସ):** ସାପ୍ତାହିକ ହାଟକୁ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ ଓଲଟି ଚାଳକ ସମେତ ୭ ଜଣ ଗୁରୁତର ହୋଇଛନ୍ତି। ସୂଚିତ ଯେ, ନନ୍ଦପୁର ଥାନା ଅନ୍ତର୍ଗତ କୁମାରଗନ୍ଧଣା ଗ୍ରାମ ପଞ୍ଚାୟତ ଅଧୀନ ପାଳିବା ସାପ୍ତାହିକ ହାଟକୁ ବ୍ୟବସାୟୀଙ୍କୁ ନେଇଯାଉଥିବା ବେଳେ ଭାରସାମ୍ୟ ହରାଇ ଗନ୍ତବ୍ୟସ୍ଥଳକୁ ପହଞ୍ଚିବାକୁ ଅନତି ଦୂର ପୂର୍ବରୁ କଦମଗୁଡ଼ା ଛକ ରାସ୍ତା ଉପରେ ପିକଅପ୍ ଭ୍ୟାନଟି ଓଲଟି ପଡ଼ିଥିଲା। ଗାଡ଼ିରେ ବସିଥିବା ଚାଳକଙ୍କ ସମେତ ହାଟ ବ୍ୟବସାୟୀ ଗୁରୁତର ହୋଇଛନ୍ତି। ଖବର ପାଇ ନନ୍ଦପୁର ଥାନା ଏସଆଇ ଦିପ୍ତିମୟୀ ଧାରୁଆ ଏକ ଟିମ୍ ନେଇ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାରେ ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ। ପରେ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ଗୁରୁତର ମଧ୍ୟରେ ଚାଳକଙ୍କ ସମେତ ତିନି ଜଣଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରଯାଇଥିବା ନେଇ ଏସଆଇ ଧାରୁଆ ସୁଚନା ଦେଉଛନ୍ତି । ସୂଚନାନୁଯାୟୀ, ପ୍ରତି ସପ୍ତାହ ଭଳି ଆଜି ମଙ୍ଗଳବାର ସିମିଳିଗୁଡାରୁ ପାଳିବା ହାଟକୁ ଯିବା ପାଇଁ ଗାଡ଼ିରେ ସିମିଳିଗୁଡ଼ାରୁ ଚାରି ଜଣ ଓ ନନ୍ଦପୁର ବ୍ଲକ୍ ଅଧୀନସ୍ଥ ଖୁର୍ଜି ପଞ୍ଚାୟତର ତିନି ଜଣ ହାଟ ବ୍ୟବସାୟୀ ଗାଡ଼ିରେ ବସି ପାଳିବା ହାଟକୁ ଯାଉଥିଲେ। ଆହତମାନେ ହେଲେ ନାରାୟଣ ନାହାକ, ମଧୁସୂଦନ ନାହାକ, ଝରିଆ ନାୟକ, ମାଳତୀ ମାଟାମ, ବବିତା ମାଟାମ, କୌଶଲ୍ୟା ହନ୍ତାଳ ଓ ଜଗନ୍ନାଥ ଜେନା ବୋଲି ଜଣାପଡ଼ିଛି।

# କାର୍-ସ୍କୁଟି ଧକ୍କା; ଛାତ୍ର ମୃତ

**ପାପଡ଼ାହାଣ୍ଡି, ୧୯।୩(ସମିସ):** ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ମୃଗବିହାର ନିକଟରେ କାର୍ ଓ ସ୍କୁଟି ମଧ୍ୟରେ ଧକ୍କା ହେବା ଫଳରେ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ନବରଙ୍ଗପୁର ସହରର ଜି. ଈଶ୍ୱର ରାଓ ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ନବରଙ୍ଗପୁର ସହରର କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ର ଜି.ଈଶ୍ୱର ରାଓ ଓ ଆକାଶ ଷଡ଼ଙ୍ଗୀ ଯୁକ୍ତ ଦୁଇ ପରୀକ୍ଷା ଦେବା ପାଇଁ ଏକ ସ୍କୁଟି (ଓଡି୨୪ଜେ ୩୧୦୯) ଯୋଗେ ପାପଡ଼ାହାଣ୍ଡି ଆଦର୍ଶ ବିଦ୍ୟାଳୟକୁ ଯାଉଥିଲେ। ଏହି ସମୟରେ ମୃଗ ବିହାର ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ କାର୍(ଓଡି ୧୦ କେ ୨୮୦୦) ସ୍କୁଟିକୁ ଧକ୍କା ଦେଇ ଚାଲିଯାଇଥିଲା। ଯାହା ଫଳରେ ଦୁଇ ଛାତ୍ର ରାସ୍ତାକଡ଼ରେ ଛିଟିକି ପଡ଼ିଥିଲେ। ଈଶ୍ୱରଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିବା ବେଳେ ଆକାଶ ସାମାନ୍ୟ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପାପଡ଼ାହାଣ୍ଡି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପାପଡ଼ାହାଣ୍ଡି ପୁଲିସ ଏନେଇ ଏକ ମାମଲା (୭୩/୨୪) ରୁଜୁ କରି ଗାଡ଼ିକୁ ଜବତ କରି ଅଧିକ ତଦନ୍ତ ଚଳାଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୁଲିସ ସୂଚନା ଦେଇଛନ୍ତି।

# ଛତିଶଗଡ଼ ଉପ ମୁଖ୍ୟମନ୍ତ୍ରୀଙ୍କ ଉମରକୋଟ ଗସ୍ତ



**ଉମରକୋଟ,୧୯।୩(ସମିସ):** ଛତିଶଗଡ଼ ଉପ ମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ମଙ୍ଗଳବାର ଉମରକୋଟ ଗସ୍ତରେ ଆସି କେନ୍ଦ୍ର ସରକାରଙ୍କ ଜନ ହିତକାରୀ ଯୋଜନା ବିଷୟରେ ଉପସ୍ଥିତ ଲୋକଙ୍କୁ ଅବଗତ କରିଛନ୍ତି। ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ଶର୍ମା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ହେଲିକାପ୍ଟର ଯୋଗେ ଅବତରଣ କରିବା ପରେ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୂର୍ବତନ ସାଂସଦ ବଳଭଦ୍ର ମାଝୀ ଓ ପର୍ଶୁରାମ ମାଝୀ, ଜିଲ୍ଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ରମେଶ ସାହୁ, ମାନିଜର ଆରୟା, ରାମେଶ୍ୱର ଜେନା, ଶିବନାଥ ବାନାର୍ଜୀ, ଅଶୋକ ପାଢ଼ୀ, ସନ୍ତୋଷ ମହାପାତ୍ର, ରାମ ନାୟକ, ଗୋବିନ୍ଦ ଜୈନଙ୍କ ସମେତ ବିଜେପି କର୍ମୀମାନେ ତାଙ୍କୁ ପାଛୋଟି ନେଇଥିଲେ। କର୍ମୀଙ୍କ ଗହଣରେ ଉମରକୋଟ ସହର ପରିକ୍ରମା ସହ ରୋହିତ ଚାହା ଦୋକାନରେ ଅଟକି ଚାହା ପିଇଥିଲେ। ଚାୟ ପେ ଚର୍ଚ୍ଚାରେ ଯୋଗଦେଇ ଲୋକଙ୍କ ସହ ମିଶିଥିଲେ ଓ ବର୍ତ୍ତମାନର ରାଜନୈତିକ ସ୍ଥିତିକୁ ନେଇ ଲୋକଙ୍କ ସହ ଚର୍ଚ୍ଚା କରିଥିଲେ ଛତିଶଗଡ଼ର ଉପ ମୁଖ୍ୟମନ୍ତ୍ରୀ ବିଜୟ ଶର୍ମା। ପରେ ହୋଟେଲ ଏସ୍‌ଏସ୍ ଇଣ୍ଟରନେସନାଲରେ ପାଞ୍ଚଟି ବ୍ଲକର ବ୍ୟବସାୟୀଙ୍କ ସହ ଆଲୋଚନା କରିଥିଲେ। ବ୍ୟବସାୟୀ ସଂଘ ସହ ଆଲୋଚନା ସମୟରେ ଉମରକୋଟ ବଣିକ ସଂଘର ସଭାପତି ଦ୍ୱାରିକା ନାଥ ପାଣିଗ୍ରାହୀ, ବ୍ୟବସାୟୀ ମନମୋହନ ସେନାପତି, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୋନୁ ହିଙ୍ଗୋରା ଉପମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ଜିଏସଟିରେ ଯେଉଁ ଜଟିଳତା ରହିଛି ତାକୁ ସରଳୀକରଣ ପାଇଁ କହିଥିଲେ। ସେହିଭଳି କେନ୍ଦ୍ର ସରକାରଙ୍କ ଯୋଜନାର ଲାଭାର୍ଥୀମାନଙ୍କୁ ନେଇ ଏକ ସମ୍ମିଳନୀର ଆୟୋଜନ ମଧ୍ୟ କରାଯାଇଥିଲା। ଏଥିରେ ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ। ସେହିପରି ଅପରାହ୍ଣରେ ତିନି ନମ୍ବର ଡଙ୍ଗରିଗୁଡ଼ା ଗ୍ରାମର ଶିତଳା ମା'ଙ୍କ ପୂଜାରେ ଯୋଗଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ଘରଘର ବୁଲି ଲୋକଙ୍କ ସହ ମିଶିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ଘର ପରିବାର ଲୋକଙ୍କ ସହ ମିଶି ଫଟୋ ଉଠାଇବା ସହ ଚଳିତ ଥର ଲୋକସଭା ଓ ବିଧାନସଭାର ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଶେଷରେ ଅପରାହ୍ଣରେ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ଛତିଶଗଡ଼ ଅଭିମୁଖେ ଯାତ୍ରା କରିଥିଲେ।

# କାଶୀପୁର ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**କାଶୀପୁର, ୧୯।୩ (ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ପାଇଁ ମଙ୍ଗଳବାର ରାୟଗଡ଼ା ଜିଲ୍ଲା କାଶୀପୁର ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାଏକଙ୍କ ନେତୃତରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଏହି ଫ୍ଲାଗମାର୍ଚ୍ଚରେ କାଶୀପୁର ଥାନା ଅଧିକାରୀଙ୍କ ସହ ଏସଆଇ, ଏଏସଆଇ, କାଶୀପୁର ପୁଲିସ ଏବଂ ଆଇଆରବି ଜବାନ ସାମିଲ ହୋଇଥିଲେ। ଏହି ଫ୍ଲାଗମାର୍ଚ୍ଚ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ବାହାରି ଲକ୍ଷ୍ମୀ ବଜାର ଛକ ଦେଇ ଆଇଫାଡ ଛକ ପର୍ଯ୍ୟନ୍ତ ଯାଇଥିଲା। ନିର୍ବାଚନ ସମୟରେ କୌଣସି ପ୍ରକାରର ବିଶୃଙ୍ଖଳିତ ପରିସ୍ଥିତିକୁ ଏଡାଇବା ସହ ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ସାଧାରଣ ଜନତା ଯେମିତି ମନରେ ଭୟଭାବ ନ ରଖି ପୁଲିସ ଆମ ସହ ରହିଛି ବୋଲି ସର୍ବଦା ଅନୁଭବ କରିପାରିବେ ଏହାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି।

# ନୂତନ ଏସ୍‌ଡିପିଓଙ୍କ ଆଇନଶୃଙ୍ଖଳା ସମୀକ୍ଷା



**ଜୟପୁର,୧୯।୩ (ସମିସ):** କୋରାପୁଟ ଜିଲ୍ଲା ଜୟପୁରର ନବ ନିଯୁକ୍ତ ଏସ୍‌ଡିପିଓ ଭାବେ ଭାରତୀୟ ପୁଲିସ ସେବା ଅଧିକାରୀ ଅଙ୍କିତ କୁମାର ବର୍ମା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଜୟପୁର ଉପଖଣ୍ଡ ସ୍ଥିତ ଜୟପୁର ଟାଉନ୍, ସଦର, ମହିଳା, ବୈପାରିଗୁଡ଼ା, କୁନ୍ଦୁରା ଥାନା ଅଞ୍ଚଳର ଆଇନ୍ ଶୃଙ୍ଖଳା, ଟ୍ରାଫିକ ବ୍ୟବସ୍ଥା ସୁଦୃଢ଼ କରିବା ସହିତ ଆଗାମୀ ସାଧାରଣ ନିର୍ବାଚନ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ରହିବ ବୋଲି ସେ କହିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେ ଜୟପୁର ସହର ପରିଦର୍ଶନ କରିବା ସହିତ ଟ୍ରାଫିକ ବ୍ୟବସ୍ଥା ଏବଂ ଆଇନଶୃଙ୍ଖଳା ତଦାରଖ କରିଛନ୍ତି। ଏହି ସମୟରେ ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରକାଶଥାଉକି ଏସ୍‌ଡିପିଓ ଶ୍ରୀ ବର୍ମା ୨୦୨୨ ବ୍ୟାଚର ଆଇପିଏସ ଅଧିକାରୀ ଅଟନ୍ତି। ତାଲିମ ଗ୍ରହଣ ପରେ ଜୟପୁର ଏସ୍‌ଡିପିଓ ଭାବେ ପ୍ରଥମ ନିଯୁକ୍ତି ହୋଇଛନ୍ତି।

## ପଦ୍ମପୁରର ଐତିହାସିକ ଦୋଳଯାତ୍ରା

# ରାଜକୀୟ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ମହାପ୍ରଭୁ



**ପଦ୍ମପୁର, ୧୯।୩ (ସମିସ)**

ରାୟଗଡ଼ା ଜିଲ୍ଲାର ପଦ୍ମପୁରଠାରେ ଦକ୍ଷିଣ ଓଡ଼ିଶାର ପୁରାତନ ଐତିହାସିକ ଦୋଳଯାତ୍ରା ୨୦ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ପଦ୍ମପୁରସ୍ଥିତ ଶ୍ରୀରାଧାକୃଷ୍ଣ ଯୁଗଳ କିଶୋର ମହାପ୍ରଭୁଙ୍କ ବିଭନ୍ନ ନୀତିକାନ୍ତି କରାଯାଇଛି। ପ୍ରାତଃରୁ ଠାକୁରଙ୍କ ମଙ୍ଗଳ ଆରତି ପରେ ସର୍ବସାଧାରଣ ଦର୍ଶନ ନୀତି ନିର୍ଘଣ୍ଟ କରାଯାଇଥିବା ବେଳେ ୨୦ତାରିଖ ସନ୍ଧ୍ୟାରେ ଯୁଗଳ କିଶୋର ମହାପ୍ରଭୁଙ୍କ ବିଜେ ପ୍ରତିମାମାନେ ମନ୍ଦିର ଭିତରେ ଫଗୁ ଖେଳିବେ। ୨୧ତାରିଖରେ ଠାକୁରମାନଙ୍କୁ ଏକ ସୁସଜ୍ଜିତ ବିମାନରେ ବସାଇ ମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଅଣାଯାଇ ଫଗୁ ଖେଳ ପରେ ପୂଜା ପାଠ କରି ପୁନର୍ବାର ଠାକୁରମାନଙ୍କୁ ମନ୍ଦିର ଭିତରକୁ ନିଆଯିବ। ୨୨ତାରିଖରେ ଶ୍ରୀରାଧାକୃଷ୍ଣ ଯୁଗଳ ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ବିମାନରେ ବସାଇ ଗ୍ରାମ ପରିକ୍ରମା କରାଯିବ। ଏହି ସମୟରେ ରାଜକୀୟ ପରମ୍ପରା ଅନୁଯାୟୀ ଠାକୁରମାନଙ୍କ ଧ୍ୱଜା, ଚାମର, ମଶାଲ୍, ତୁରୀ, ଚାଙ୍ଗୁବାଦ୍ୟ ସହ ଢାମ୍ପ, ଘୁମୁରା ବାଦ୍ୟ, ସଂକୀର୍ତ୍ତନ ମଣ୍ଡଳୀ ସହ ଡିଜେ ବାଜାର ତାଳେ ତାଳେ ସହର ପରିକ୍ରମା କରାଯିବ। ପୂର୍ଣ୍ଣିମା ଆଗ ଦିନ ରାତିରେ ଠାକୁର ମାନଙ୍କୁ ଗ୍ରାମ ପରିକ୍ରମା କରାଯିବା ପରେ ଅଗ୍ନି ଉତ୍ସବ ବା (ମେଣ୍ଢା ପୋଡ଼ି) ଅନୁଷ୍ଠିତ ହେବ। ହଜାର ହଜାର ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଦୋକାନ ବଜାର ସାଙ୍ଗକୁ ବିଭିନ୍ନ ପୌରାଣିକ ନୃତ୍ୟ ପରିବେଷଣ କରାଯାଉଥିବା ବେଳେ ଏବର୍ଷ ଦୋଳଯାତ୍ରାରେ ଶ୍ରୀ ଶ୍ରୀ ଗୋପୀନାଥ ନାଟ୍ୟ ସଂଘ ଠୁବୁରୁରାଇ (ଗଞ୍ଜାମ ଜିଲ୍ଲା)ର ଲକ୍ଷ୍ମୀ ପୁରାଣ ସହ ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଢ଼ମକେଇର ପ୍ରହଲ୍ଲାଦ ନାଟକ ପରିବେଷଣ କରାଯାଉଥିବା ମନ୍ଦିର ତରଫରୁ କୁହାଯାଇଛି। ତେବେ ଶ୍ରୀ ରାଧାକୃଷ୍ଣ ଯୁଗଳ କିଶୋର ମହାପ୍ରଭୁଙ୍କ ମନ୍ଦିର ପରିଚାଳକ ବଂଶୀଧର ପାଣିଗ୍ରାହୀଙ୍କ କହିବାନୁଯାୟୀ ୧୮୯୯ ମସିହାରୁ ଏହି ଦୋଳଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ମନ୍ଦିର ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି।



# ଗଞ୍ଜେଇ ଚୋରାଚାଲାଣ ଅଭିଯୁକ୍ତକୁ ୧୦ବର୍ଷ କାରାଦଣ୍ଡ; ଏକ ଲକ୍ଷ ଜରିମାନା

**ମାଲକାନଗିରି,୧୯।୩(ସମିସ):** ମାଲକାନଗିରି ଜିଲ୍ଲା ସ୍ୱତନ୍ତ୍ର ଜିଲ୍ଲା ଜଜ୍ ବିକ୍ରମ କୁମାର ପଟ୍ଟନାୟକ ମଙ୍ଗଳବାର ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ଶୁଣାଣୀ କରି ଆସାମୀଙ୍କୁ ୧୦ ବର୍ଷ କାରାଦଣ୍ଡ ସହ ଏକ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଏକବର୍ଷ କାରାଦଣ୍ଡ ଆସାମୀ ଭୋଗିବେ ବୋଲି ତାଙ୍କ ରାୟରେ ଶୁଣାଇଛନ୍ତି। ୨୦୨୩ ଜୁନ ୬ତାରିଖରେ ବାଲିମେଳା ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ବିପିନ କୁମାର ସାମଲ ଏବଂ କର୍ମଚାରୀମାନେ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଡାଇକ-୨ ରାସ୍ତା ନିକଟରେ ଯାନବାହାନ ଯାଞ୍ଚ କରୁଥିବା ସମୟରେ କିଛି ଦୂରରେ ଜଣେ ବ୍ୟକ୍ତି ରାସ୍ତା କଡ଼ରେ କିଛି ବସ୍ତା ଧରି ଠିଆ ହୋଇଥିବା ଦେଖି ସନ୍ଦେହ କରିଥିଲେ। ପରେ ତାଙ୍କୁ ନିକଟକୁ ଯାଇ ଉକ୍ତ ବସ୍ତାଗୁଡ଼ିକ ଯାଞ୍ଚ କରିବାରୁ ବସ୍ତାରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଫଳରେ ଗଞ୍ଜେଇ ବସ୍ତା ସହ ଆସାମୀ ଅନୁପାଲ ରାଜା ରାଓଙ୍କୁ ଗିରଫ କରିଥିଲେ। ଅନୁପାଲ ଚିତ୍ରକୋଣ୍ଡା ଥାନା ଅଞ୍ଚଳର ରାଜବନ୍ଧା ଗ୍ରାମର ବ୍ୟକ୍ତି ହୋଇଥିବାବେଳେ ଉକ୍ତ ଗଞ୍ଜେଇ ବସ୍ତାରେ ମୋଟ ୩୩ କେଜି ଗଞ୍ଜେଇ ଥିଲା। ଆସାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲା ସାକ୍ଷୀମାନଙ୍କ ବୟାନକୁ ଭିତ୍ତି କରି ଆଜି ଏହାର ଶୁଣାଣି ହୋଇ ଆସାମୀଙ୍କୁ ଦଣ୍ଡବିଧାନ ଦିଆଯାଇଛି। ଏହି ମାମଲାକୁ ସରକାରୀ ଓକିଲ ବିଜୟ କୁମାର ମହାନ୍ତି ପରିଚାଳନା କରିଥିଲେ।

# ଓଲଟିଲା ବାଲିବୋଝେଇ ଟ୍ରକ୍

■ **ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର ଓ ହେଲପର**

**କୋରାପୁଟ,୧୯।୩(ସମିସ):** କୋରାପୁଟ ସହରର ଆରଟିଓ ଅଫିସ ନିକଟ ଜାତୀୟ ରାଜପଥରେ ମାଲକାନଗିରି ଗୋବିନ୍ଦପାଲିରୁ କୋରାପୁଟ ସେମିଳିଗୁଡ଼ା ବାଲି ନେଇ ଯାଉଥିବା ଏକ ଟ୍ରକ ଓଲଟି ପଡ଼ିଥିଲା। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ ଜୟପୁର ଆଡୁ ଟ୍ରକଟି ଆସୁଥିବା ବେଳେ ହଠାତ ବ୍ରେକଫେଲ୍ ହୋଇଯାଇଥିଲା। ବ୍ରେକଫେଲ୍ ହେବା ଜାଣି ଟ୍ରକ ଡ୍ରାଇଭର ନିଜର ଉପସ୍ଥିତି ବୁଦ୍ଧି ଖଟାଇ ଟ୍ରକକୁ ରାସ୍ତା କଡ଼କୁ ନେଇଯାଇଥିବା ବେଳେ ଟ୍ରକଟି



ଓଲଟି ପଡ଼ିଥିଲା। ବ୍ରେକଫେଲ୍ ହେବା ଜାଣି ଟ୍ରକ୍ ହେଲପର ଡେଇଁ ପଡ଼ିଥିବାବେଳେ ଡ୍ରାଇଭର ଗାଡ଼ି ଭିତରେ ରହି ଯାଇଥିଲେ। ଟ୍ରକଟି ଓଲଟିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପହଞ୍ଚି ଗାଡି ଭିତରୁ ଡ୍ରାଇଭରକୁ ଉଦ୍ଧାର କରି ମେଡିକାଲ ନେଇଥିବା ଜଣାପଡିଛି। ହେଲପରଙ୍କ ହାତରେ ଆଘାତ ଲାଗିଥିବାବେଳେ ଡ୍ରାଇଭର ସୁରକ୍ଷିତ ଅଛନ୍ତି। ବୁଲାଣି ରାସ୍ତା ସହ ଉକ୍ତ ରାସ୍ତାରେ ଗଡ଼ାଣି ଥିବାରୁ ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହି ମାସ ଭିତରେ ସେଠାରେ ୩ଟି ଦୁର୍ଘଟଣା ଘଟି ସାରିଲାଣି। ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ଗିର୍ଲିମାଳି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍ୟାପିତ



**ସେମିଳିଗୁଡ଼ା,୧୯।୩(ସମିସ):** କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ ଦୁଧାରୀ ପଞ୍ଚାୟତ ଫୁଲବନ୍ଧ ଗ୍ରାମର ଯୁବକ ସଙ୍ଘ ତରଫରୁ ଆୟୋଜିତ ଗିର୍ଲିମାଳୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏଥିରେ ବିଜେପିର ଯୁବ ନେତା ଜୟରାମ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ସମାଜସେବୀ ତଥା ଯୁବନେତା ସୁନାମ ହନ୍ତାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଖେଳରେ ଜିତିବା ଏବଂ ହାରିବା ଲାଗି ରହିଛି, ନିରାଶ ନ ହୋଇ ଖେଳ ଜାରି ରଖିଲେ ଜିଲ୍ଲା, ରାଜ୍ୟ, ଦେଶ ଓ ବିଦେଶକୁ ଯାଇ ଖେଳି ପାରିବେ ବୋଲି ଯୁବକଙ୍କୁ ଅତିଥିମାନେ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ ଯୋଗଦେଇଥିବା ବେଳେ ଫାଇନାଲ ମ୍ୟାଚ ବାରି ଓ ଗିଚା ମଞ୍ଜାରୀ ମଧ୍ୟରେ ଖେଳାଯାଇଥିଲା ଏବଂ ଶେଷ ରାଉଣ୍ଡରେ ବାରି ଗ୍ରାମ ବିଜୟ ହାସଲ କରିଥିଲା। ବିଜେତା ଟିମକୁ ବାର ହଜାର ଟଙ୍କା ସହ ବିଜୟୀ ଟ୍ରଫି ଏବଂ ରନର୍ସ ଅପ ଦଳକୁ ଦଶ ହଜାର ଟଙ୍କା ସହ ରନର୍ସ ଅପ୍ ଟ୍ରଫି ପ୍ରଦାନ କରଯାଇଥିଲା। ଏହି ଦୁର୍ଗମ ଅଞ୍ଚଳରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ସ୍ଥାନୀୟ ସରପଞ୍ଚ ମାଧବ ନନ୍ଦୀବାଲି, ଶିକ୍ଷକ ସନା ଜାନି, ଅନିଲ ସିରକା ପ୍ରମୁଖ ଯୋଗଦେଇଥିଲେ। ଗିର୍ଲିମାଳି ଫୁଲବନ୍ଧ ଯୁବକ ସଙ୍ଘର ଅଜୟ ଜାନି, କୃପା ଜାନି, ଡମ୍ବୁ ହନ୍ତାଳ, ମୋହନ ସାଉଁତା, ଆନନ୍ଦ ଜାନି, ସନିଆ ଦିଶାରୀ, ନିରଞ୍ଜନ ଦିଶାରୀ ଏବଂ ଗ୍ରାମବାସୀଙ୍କ ସହଯୋଗରେ ସଫଳତାର ସହ ଅୟୋଜନ କରାଯାଇଥିଲା।

## ମାଣ୍ଡିଆ ସଂଗ୍ରହର ଲକ୍ଷ୍ୟଧାର୍ଯ୍ୟ ହେଉନି ପୂରଣ

# ୯୦ ହଜାର କ୍ୱିଣ୍ଟାଲ ପରିବର୍ତ୍ତେ ସଂଗ୍ରହ ହୋଇଛି ମାତ୍ର ୧୫ ହଜାର

**ରାୟଗଡ଼ା, ୧୯।୩(ସମିସ)**





ମାଣ୍ଡିଆରେ ଥିବା ପୋଷକତତ୍ତ୍ୱ, ଭିଟାମିନ ଅନ୍ୟ କେଉଁ ଶସ୍ୟରେ ଅଧିକ ନ ଥିବା ଏବଂ ରୋଗ ପ୍ରତିଷେଧକ ଶକ୍ତିରେ ଭରପୁର ଥିବା ମାଣ୍ଡିଆ ଚାଷ ପ୍ରଭାବିତ ହେଉଥିବାରୁ ଏହି ଚାଷକୁ ପୁଣି ଥରେ ପୁନଃରୁଦ୍ଧାର ପାଇଁ ରାଜ୍ୟ ସରକାର ମିଲେଟ୍ ମିଶନ ମାଧ୍ୟମରେ ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଦିବାସୀବହୁଳ ରାୟଗଡ଼ା ଜିଲ୍ଲାରେ ମାଣ୍ଡିଆ ଚାଷକୁ ନେଇ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗ ଅଧିକ ଗୁରୁତ୍ୱ ଦେଇଥିବା ବେଳେ ୨୦୨୩-୨୪ ଖରିଫ ଋତୁରେ ଜିଲ୍ଲାକୁ ୯୦ହଜାର କ୍ୱିଣ୍ଟାଲ ମାଣ୍ଡିଆ ଚାଷୀମାନଙ୍କ ଠାରୁ କ୍ରୟ କରିବା ଲକ୍ଷ୍ୟଧାର୍ଯ୍ୟ ରହିଛି। ମାର୍ଚ୍ଚ ସୁଦ୍ଧା ମାତ୍ର ୧୫ ହଜାର କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ ହୋଇଥିବାରୁ ହାତରେ ମାତ୍ର ଆଉ ୧ ମାସ ସମୟ ଥିବାବେଳେ ବାକି ୭୫ କ୍ୱିଣ୍ଟାଲ ସଂଗ୍ରହ ନେଇ ବିଭାଗ ଚିନ୍ତାରେ ପଡ଼ିଛି। ଆଦିବାସୀ ଉନ୍ନୟନ ନିଗମ ସଂସ୍ଥା (ଟିଡିସିସି) ଦ୍ୱାରା ଜିଲ୍ଲାର ୧୧ଗୋଟି ବ୍ଲକରୁ ଗତ ଜାନୁଆରୀ ମାସ ଠାରୁ ୨୦ଟି ଲ୍ୟାମ୍ପସ ତଥା କେନ୍ଦ୍ର ମାଧ୍ୟମରେ ୨୦ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କ ଠାରୁ ମାଣ୍ଡିଆ କ୍ରୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ମାର୍ଚ୍ଚ ମାସ ସୁଦ୍ଧା କେବଳ ୧୫ହଜାର କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଛି। ଆଉ ୪୦ଦିନ ଅର୍ଥାତ୍ ଆସନ୍ତା ଏପ୍ରିଲ୍ ମାସ ଶେଷ ସୁଦ୍ଧା ବଳକା ୭୫ହଜାର କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ ହେବା ନେଇ ପ୍ରଶ୍ନବାଚୀ। ତେବେ ଟିଡିସିସି ସଂସ୍ଥା ଦ୍ୱାରା ମାଣ୍ଡିଆ କ୍ରୟ ପ୍ରାରମ୍ଭରେ ହିଁ ଚାଷୀ ଆଣୁଥିବା ମାଣ୍ଡିଆର ଗୁଣବତ୍ତାକୁ ନେଇ କଡା ବ୍ୟବସ୍ଥା କରାଯାଇଥିବା ବେଳେ ଅନେକ ଚାଷୀ ନିଜ ମାଣ୍ଡିଆକୁ ବିକ୍ରି କରିପାରୁ ନ ଥିଲେ। ଯାହାକୁ ନେଇ ଏଭଳି କିଛି ମାପଦଣ୍ଡ ଚାଷୀ ଠାରୁ ମାଣ୍ଡିଆ କ୍ରୟ ଲକ୍ଷ୍ୟଧାର୍ଯ୍ୟକୁ ପୂରଣ କରିବାରେ ସହାୟକ ହୋଇ ପାରି ନ ଥିବା ଏବଂ ଅମଳ ଧାନକୁ ବିକ୍ରି କରିବା ପାଇଁ ଚାଷୀମାନେ ବ୍ୟସ୍ତ ରହିଥିବାରୁ ମାଣ୍ଡିଆକୁ ବିକ୍ରି କରିବାରେ ବିଳମ୍ବତା ଏକ ପ୍ରମୁଖ କାରଣ ହୋଇଥିବା ବେଳେ ସପ୍ତାହକୁ କେବଳ ତିନି ଦିନ ବିକ୍ରି ପାଇଁ ବ୍ୟବସ୍ଥା ରହିଥିବାରୁ ଅନେକ ଚାଷୀ ଅମଳ ମାଣ୍ଡିଆକୁ ନେଇ ବିକ୍ରି କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରି ସବୁ ଦିନ ବିକ୍ରି ପାଇଁ ନିର୍ଦ୍ଦେଶ ଦେବା ପରେ ମାର୍ଚ୍ଚ ମାସରେ ୧୫ହଜାର କ୍ୱିଣ୍ଟାଲ ଯାଏଁ ମାଣ୍ଡିଆ ସଂଗ୍ରହ ହୋଇ ପାରିଥିବା ଏବଂ ଏପ୍ରିଲ ଶେଷ ସୁଦ୍ଧା ଟାର୍ଗେଟ୍ ପୂରଣ ବି ହୋଇଯିବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମନୋଜ କୁମାର ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଗତବର୍ଷ ଜିଲ୍ଲାକୁ ୮୦ହଜାର କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ ଲକ୍ଷ୍ୟ ରଖାଯାଇଥିବା ବେଳେ ୭୭, ୩୯୯.୫୦ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ ହୋଇପାରିଥିଲା ଯାହାକି ଲକ୍ଷ୍ୟଧାର୍ଯ୍ୟର ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ରହିଥିଲା। ବର୍ତ୍ତମାନ ସୁଦ୍ଧା ଟିଡିସିସି ସଂସ୍ଥା ପକ୍ଷରୁ ଜିଲ୍ଲାର ବିଭିନ୍ନ ବ୍ଲକକୁ ୨୭ହଜାର କ୍ୱିଣ୍ଟାଲ ମାଣ୍ଡିଆ ବଣ୍ଟନ କରାଯାଇଥିବା ବେଳେ ଚଳିତ ବର୍ଷ ମାଣ୍ଡିଆ କ୍ୱିଣ୍ଟାଲ ପିଛା ୩୮୪୬ ଟଙ୍କା ଥିବାରୁ ଜିଲ୍ଲାର ଚାଷୀମାନେ କପା, ଧାନ ସହ ମାଣ୍ଡିଆକୁ ମଧ୍ୟ ଗୁରୁତ୍ୱ ଦେଇ ଆସୁଛନ୍ତି। ଚଳିତ ବର୍ଷ ଜିଲ୍ଲାରେ ୧୮ହଜାରରୁ ଉର୍ଦ୍ଧ ହେକ୍ଟର ଜମିରେ ମାଣ୍ଡିଆ ଚାଷ ହୋଇଥିବା ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ରାୟଗଡ଼ା ଜିଲ୍ଲାରେ ମିଶନ ଶକ୍ତି ମାଧ୍ୟମରେ ଅନେକ ଏସଏଚଜି ଗ୍ରୁପ ମହିଳା ସଦସ୍ୟାମାନେ ମାଣ୍ଡିଆରେ ବିସ୍କୁଟ, ଲଡୁ, ସୁପ, ଦୋସା, ବରା, ଆରିସା, ଖଜା, ପିଠା, ଛତୁଆ, କେକ୍, ଇଡଲୀ ଆଦି ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି ବିକ୍ରି କରି ରୋଜଗାରକ୍ଷମ ହୋଇପାରୁଥିବା ବେଳେ ଜିଲ୍ଲାରେ ଆଦିବାସୀ ସମ୍ପ୍ରଦାୟ ଲୋକେ ଏହି ମାଣ୍ଡିଆର ପ୍ରସ୍ତୁତ ଜାଉକୁ ନିତିଦିନିଆ ଖାଦ୍ୟ ଭାବେ ବ୍ୟବହାର କରିଥାନ୍ତି।

# କୋଟିଆରେ ମତଦାନ ସଚେତନତା କାର୍ଯ୍ୟକ୍ରମ




**ପଟ୍ଟାଙ୍ଗି,୧୯।୩(ସମିସ):** ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଜିଲ୍ଲା ପ୍ରଶାସନ ଦ୍ୱାରା ଚଳିତ ବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନ ନିମନ୍ତେ ଲୋକଙ୍କୁ ସଚେତନ କରାଯାଇଛି। ଆସନ୍ତା ମେ ୧୩ ତାରିଖ ଦିନ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। କୋରାପୁଟ ଜିଲ୍ଲାରେ ମଧ୍ୟ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ବିବାଦୀୟ କୋଟିଆ ପଞ୍ଚାୟତର ବିଭିନ୍ନ ସୀମାନ୍ତ ଗ୍ରାମମାନଙ୍କରେ ନିର୍ବାଚନ ନିମନ୍ତେ ଭୋଟରମାନଙ୍କୁ ନେଇ ମତଦାନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଭି. କୀର୍ତ୍ତି ଭାସନ୍ଙ୍କ ଉପସ୍ଥିତିରେ ଉକ୍ତ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମଟି କୋଟିଆ ପଞ୍ଚାୟତର ଫାଟୁସିନେରୀ, ମାଡ଼କାର୍, ଗଞ୍ଜେଇପଦର ଓ କୋଟିଆ ଗ୍ରାମରେ ପ୍ରଶାସନିକ କର୍ମଚାରୀମାନେ ଗସ୍ତ କରି ଲୋକଙ୍କୁ ନିର୍ବାଚନ ନିମନ୍ତେ ସଚେତନ କରିଥିଲେ। ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ କାର୍ଯ୍ୟକ୍ରମରେ ଲୋକଙ୍କୁ ଭୋଟଦାନ କେନ୍ଦ୍ରରେ ପହଞ୍ଚି ନିଜ ବହୁମୂଲ୍ୟର ଭୋଟକୁ ପ୍ରଦାନ କରିବାକୁ ନିବେଦନ କରିଥିଲେ। କୋଟିଆରେ ସୁରୁଖୁରୁରେ ନିର୍ବାଚନ କରିବା ନିମନ୍ତେ ସମସ୍ତ ପ୍ରକାର ଯୋଜନା ପ୍ରସ୍ତୁତ ରହିଥିବା ନେଇ କହିଥିଲେ। କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ଏବଂ ତହସିଲଦାର ଦେବେନ୍ଦ୍ର ଧାରୁଆଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ଉପସ୍ଥିତ ଲୋକଙ୍କୁ ଅଧିକାରୀମାନେ ନିଜର ଭୋଟଟିକୁ ନିର୍ଭିକ ହୋଇ ଭୋଟଦାନ କେନ୍ଦ୍ରରେ ପହଞ୍ଚି ପ୍ରଦାନ କରିବା ନିମନ୍ତେ ଶପଥ ପାଠ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟଅଧିକାରୀ ଗଣ ତଥା ଜିଲ୍ଲା ସାଂସ୍କୃତିକ ଅଧିକାରୀ ପ୍ରିତି ସୁଦ୍ଧା ଜେନା, ଏପିଓ ସୌମେନ୍ଦ୍ର ନାୟକ, ଜିପିଓ ଦିବାକର ପୁରୋହିତ, ସ୍ଥାନିତ ଯନ୍ତ୍ରୀ ଆଜୟରାମ ତରାଇ, ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟୋଧନ ନାୟକ, ପୂର୍ବତନ ଶିକ୍ଷକ ସୁକୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମରେ ଶ୍ରେଷ୍ଠ ଝୁଡ଼ି ଦେଇଥିବା ମହିଳାମାନଙ୍କୁ ଜିଲ୍ଲାପାଳ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଜିଲ୍ଲାପାଳ ଉକ୍ତ କାର୍ଯ୍ୟକ୍ରମ ପରେ ଓଡ଼ିଶା ସରକାରଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟଗୁଡ଼ିକୁ ବୁଲି ଦେଖିଥିଲେ। ବୁଧବାର କୋଟିଆର ପୂର୍ବଦିଗର ଗ୍ରାମ ଗୁଡ଼ିକରେ ଏହି କାର୍ଯ୍ୟକ୍ରମ କରାଯିବା ନେଇ ବ୍ଲକ୍ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ଗଛରେ ଭାଲୁ; ଆତଙ୍କିତ ଗ୍ରାମବାସୀ



ନବରଙ୍ଗପୁର, ୧୯।୩ (ସମିସ): ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଫୁଫୁଗାଁ ପଞ୍ଚାୟତ ଅନ୍ତର୍ଗତ ନାଗାଗୁଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲର ଏକ ହରିଡ଼ା ଗଛ ଉପରେ ମଙ୍ଗଳବାର ଭୋର ସମୟରୁ ଏକ ବିରାଟକାୟ ଭାଲୁ ଚଢ଼ିଥିବାର ଦେଖି ଭୟରେ ଗ୍ରାମବାସୀ ଆତଙ୍କିତ ହୋଇରହିଛନ୍ତି। ଗ୍ରାମବାସୀ ଭାଲୁକୁ ଉଦ୍ଧାର କରିବା ପାଇଁ ଝରୀଗାଁ ବନ ବିଭାଗକୁ ଖବର ଦେବା ପରେ ଫରେଷ୍ଟର ବିଷ୍ଣୁ ବିଷୋୟୀଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ କୃଷ୍ଣଚନ୍ଦ୍ର ବିଷୋୟୀ, ସାଗରିକା ସେଠି, ଅନନ୍ତ କୁମାର ଝାଙ୍କରଙ୍କ ସମେତ ବନ ବିଭାଗର ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଭାଲୁକୁ ଜଗି ରହିଛନ୍ତି। ଭାଲୁ ରହିଥିବା ଅଞ୍ଚଳକୁ ନଯିବା ପାଇଁ ଗ୍ରାମବାସୀଙ୍କୁ ସତର୍କ କରିଛନ୍ତି। ଖବର ଲେଖାହେବା ସୁଦ୍ଧା ଭାଲୁଟି ଗଛ ଉପରେ ରହିଥିବା ଯୋଗୁଁ ପରବର୍ତ୍ତୀ ସମୟରେ ଭାଲୁକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଜଙ୍ଗଲକୁ ଛାଡ଼ି ଦିଆଯିବ ବୋଲି ଫରେଷ୍ଟର ବିଷ୍ଣୁ ବିଷୋୟୀ ସୂଚନା ଦେଇଛନ୍ତି।

# ସର୍ବଭାରତୀୟ ସାହିତ୍ୟ ଭାଷା ସମ୍ମିଳନୀରେ ଗାଗାରିନ ଶବରଙ୍କ ପ୍ରତିନିଧିତ୍ୱ




**ଗୁଣୁପୁର, ୧୯।୩(ସମିସ):** ନୂଆଦିଲ୍ଲୀସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ଗତ ୧୧ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ସାହିତ୍ୟ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲା ଗୁଣପୁର ଅଞ୍ଚଳର ଗାଗାରିନ ଶବର ପ୍ରତିନିଧିତ୍ୱ କରିଥିଲେ। ଏହି ଆଦିବାସୀ ଭାଷା ସମ୍ମିଳନୀରେ ଶ୍ରୀ ଶବରଙ୍କୁ ଅଧକ୍ଷତା କରିବା ପାଇଁ ମଧ୍ୟ ସୁଯୋଗ ମିଳିଥିଲା। ଦେଶର ବିଭିନ ଅଞ୍ଚଳରୁ ବିଭିନ୍ନ ଭାଷାକୁ ନେଇ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ସୌରା ଭାଷା ସାହିତ୍ୟ କାର୍ଯ୍ୟକ୍ରମରେ ଶ୍ରୀ ଶବର ଯୋଗଦେଇ କବିତା ପାଠ କରିଥିଲେ। ଫଳରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ନୂତନ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ସମ୍ବର୍ଦ୍ଧନା

**କୋଷାଗୁମୁଡ଼ା, ୧୯।୩(ସମିସ):** କୋଷାଗୁମୁଡ଼ା ପଞ୍ଚାୟତ ସମିତି ସଭାଗୃହ ପରିସରରେ ମଙ୍ଗଳବାର ନୂତନ ଭାବେ ଯୋଗଦେଇଥିବା ମୋଟ ୨୧ ଜଣ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶୀଷ ତ୍ରିପାଠୀଙ୍କ ନିର୍ଦ୍ଦେଶ ପ୍ରକାରେ ଏହି ଅବସରରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ସମସ୍ତ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ଯୋଗ ଦେଇଥିଲେ। ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଏବଂ ଚକୋଲେଟ ଦେଇ ସ୍ୱାଗତ କରାଯାଇଥିଲା। ଏଥିସହ ସେମାନଙ୍କ ପ୍ରମାଣପତ୍ରକୁ ପ୍ରତିଷ୍ଠାନ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ତଥା ଭାରପ୍ରାପ୍ତ ମୁଖ୍ୟ କିରାଣୀ ସୁରେନ୍ଦ୍ର ମୋହନ ଦାସ ଯାଞ୍ଚ କରିଥିଲେ। ପ୍ରମାଣପତ୍ର ଯାଞ୍ଚ ପରେ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଗିରିଜା ଶଙ୍କର ପଟ୍ଟନାୟକ ସମସ୍ତଙ୍କୁ ଦିଗଦର୍ଶନ ଦେଇଥିଲେ। ସରକାରୀ କାର୍ଯ୍ୟର ନିୟମାବଳୀ ଗଳ୍ପ ମାଧ୍ୟମରେ ବୁଝାଇଥିଲେ। ଭାରପ୍ରାପ୍ତ ମୁଖ୍ୟ କିରାଣୀ ଶ୍ରୀ ଦାସ ସମସ୍ତଙ୍କୁ ପ୍ରତ୍ୟେକ ଦିନ ସଠିକ ସମୟରେ ଆସି ସୂଚାରୁ ରୁପେ କାର୍ଯ୍ୟ ତୁଲାଇବା ପାଇଁ ପରାମର୍ଶ ଦେଇଥିଲେ।

# ରୋଗଶଯ୍ୟାରେ ମହେଶ୍ୱର; ଦୁର୍ଦ୍ଦିନରେ ପରିବାର

## ସରକାରୀ ସହାୟତା ପାଇଁ ନିବେଦନ

**କୋରାପୁଟ,୧୯।୩(ସମିସ)**



ରୋଗଶଯ୍ୟାରେ ମହେଶ୍ୱର ପଡ଼ିଛନ୍ତି। ଦୁର୍ଦ୍ଦିନରେ ପରିବାର କାଳାତିପାତ କରୁଛନ୍ତି। ଏଭଳିସ୍ଥିତିରେ ପରିବାର ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି। ଦିନ ଥିଲା ମହେଶ୍ୱର ପରିବାରର ପାଇଁ ରୋଜଗାରର ମେରୁଦଣ୍ଡ ଥିଲେ। ହସଖୁସିରେ ଛୋଟ ପରିବାରକୁ ନେଇ ଚଳୁଥିଲା ତାଙ୍କ ସୁନାର ସଂସାର। ହଠାତ ଛୁଟି ଆସିଲା ଦୁଃଖର କଳାପାହାଡ଼। ଭାଙ୍ଗିଗଲା ସୁନାର ସଂସାର। ବୟସର ଅପରାହ୍ଣରେ ଏବେ ଯନ୍ତ୍ରଣାରେ ଜର୍ଜରିତ ମହେଶ୍ୱର। ଗୋଟିଏ ପଟେ ମୁଣ୍ଡ ଗୁଞ୍ଜିବାକୁ ନିଜସ୍ୱ ଘର ନଥିବା ବେଳେ ସେଥିରେ ପୁଣି ଦୁଇ ଓଳି ପରିବାରକୁ ଦାନା ଯୋଗାଇବା ସହ ଔଷଧ ଖର୍ଚ୍ଚ ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ହୋଇଛି। ମହେଶ୍ୱର ବେସାହାର ହୋଇ ନଥିଲେ ବି ଏବେ ଘର ଭିତରେ ଥିବା ଖଟ ହିଁ ତାଙ୍କର ସାହାରା। ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇ ତିନି ମାସ ଶଯ୍ୟାଶାୟୀ ହୋଇ କୋରାପୁଟ ସହର ହାଉସିଂ ବୋର୍ଡ ଅଞ୍ଚଳ ପାଖ ଅଶୋକ ନଗରର ମହେଶ୍ୱର ସାହୁ ପଡ଼ିଛନ୍ତି। ତାଙ୍କର ଚିକିତ୍ସା କିମ୍ବା ଔଷଧ ଏବଂ ଘର ଚାଲିବା ପାଇଁ ପାଖରେ ସମ୍ବଳ ନାହିଁ। କାରଣ ପରିବାରରେ ସେ ହିଁ ଜଣେ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କୁ ଉଚ୍ଚ ଚିକିତ୍ସା ପାଇଁ ସରକାର କିମ୍ବା କେହି ସହୃଦୟ ବ୍ୟକ୍ତି ସହଯୋଗ କରିବାକୁ ପରିବାର ଲୋକ ଅନୁରୋଧ କରିଛନ୍ତି। ତାଙ୍କ ପତ୍ନୀ ପାର୍ବତୀଙ୍କ କହିବା ଅନୁସାରେ ଗତ ବର୍ଷ ନଭେମ୍ବର ୨୪ ତାରିଖ ସନ୍ଧ୍ୟାରେ ମହେଶ୍ୱର କୌଣସି କାମରେ ମଟରସାଇକେଲ ଜୟପୁର ଯାଉଥିଲେ। ରାସ୍ତାରେ ବିଲାଘାଟି ନିକଟରେ ତାଙ୍କୁ କୌଣସି ଏକ ଗାଡ଼ି ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ପରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ତାଙ୍କୁ ପାଖ ମେଡିକାଲ୍ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଏଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସଙ୍ଗେସଙ୍ଗେ ତାଙ୍କୁ ପ୍ରଥମେ ବ୍ରହ୍ମପୁର ମେଡିକାଲ ଏବଂ ସେଠାରୁ କଟକ ମେଡିକାଲ୍ କଲେଜକୁ ନିଆଯାଇଥିଲା। ତଥାପି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରି ନଥିଲା। ପରେ ପାଖରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଥିବା ଯୋଗୁଁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ମଧ୍ୟ ମହେଶ୍ୱର ଠିକ ହୋଇ ନଥିଲେ। ଏହା ପରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମେଡିକାଲରେ ଧାରଉଧାର କରି ଚିକିତ୍ସା କରିଥିଲେ। ହେଲେ ବର୍ତ୍ତମାନ ତାଙ୍କ ଡାହାଣ ହାତ ଓ ଗୋଡ଼ କାମ କରୁ ନ ଥିବାବେଳେ ସେ କାହାରି ସହ କଥାବାର୍ତ୍ତା କରୁନାହାନ୍ତି। ସେହିପରି ବାମ ହାତ ଓ ଗୋଡ଼କୁ ମହେଶ୍ୱର ବହୁତ ଛାଟୁ ଥିବା ଯୋଗୁଁ ଘର ଲୋକେ ଏହାକୁ ବାନ୍ଧି ରଖିଛନ୍ତି। ମହେଶ୍ୱର ହାଉସିଂ ବୋର୍ଡ ନିକଟରେ ଏକ ଛୋଟ କିରାନା ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ଦୁର୍ଘଟଣା ପରେ ଏହି ଦୋକାନ ବନ୍ଦ ହୋଇଯାଇଛି। ପରିବାର କହିଲେ ଝିଅ ଶ୍ରଦ୍ଧାଞ୍ଜଳି ଓ ପୁଅ ସୋହନ୍। ଶ୍ରଦ୍ଧାଞ୍ଜଳି ନବମ ଶ୍ରେଣୀରେ ପଢୁଥିବା ବେଳେ ସୋହନ ଯୁକେଜି ପଢୁଛନ୍ତି। ବର୍ତ୍ତମାନ୍ ମହେଶ୍ୱରଙ୍କ ଔଷଧ କିଣିବା ସହିତ ଘର ଚଳାଇବା ବହୁତ୍ କଷ୍ଟ ହୋଇ ଯାଇଛି ବୋଲି କୋହଭରା କଣ୍ଠରେ ପାର୍ବତୀ କହିଛନ୍ତି। ସାହିପଡ଼ିଶାଙ୍କ ଠାରୁ ମଗାମଗି କରି ଯାହା ଯେମିତି ପରିବାରଟି ଦୁଃଖ କଷ୍ଟରେ ଚଳିଯାଉଛି ତଥାପି ଏହା କେତେ ଦିନ। ଯଦି ପ୍ରଶାସନ ତରଫରୁ ତାଙ୍କୁ ସହାୟତାର ହାତ ବଢ଼ାଇ ଦିଆଯାଏ ତେବେ ମହେଶ୍ୱରଙ୍କ ପୂର୍ବ ଖୁସି ଫେରି ଆସିବ ବୋଲି ପରିବାର ଆଶା ବାନ୍ଧିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀଅଧିକାରୀ ଦୂତିକୃଷ୍ଣ ପାତ୍ର କହିଛନ୍ତି ଖୁବ ଶୀଘ୍ର ସେଠାକାର ୱାର୍ଡ ଅଫିସରଙ୍କୁ ପଠାଇ ମହେଶ୍ୱରଙ୍କ ଅବସ୍ଥା ଅନୁଧ୍ୟାନ କରି ତାଙ୍କର କାଗଜପତ୍ରକୁ ନିରୀକ୍ଷଣ କରାଯାଇ ପୌର ପ୍ରଶାସନ ତରଫରୁ ସାହାଯ୍ୟ କରିବା ସହିତ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ସହଯୋଗ ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

■ **କୋଟିଆ ଆଦିବାସୀ ସମାଜର ଜିଲ୍ଲାସ୍ତରୀୟ ସାଧାରଣ ପରିଷଦ ସଭା**

# ବିଭିନ୍ନ ସମସ୍ୟା ନେଇ ଆଲୋଚନା;ନୂତନ କମିଟି ଗଠନ

**ନନ୍ଦପୁର,୧୯।୩(ସମିସ):** କୋରାପୁଟ ଜିଲ୍ଲା କୋଟିଆ ଆଦିବାସୀ ସମାଜର ସାଧାରଣ ପରିଷଦ ସଭା ଅନୁଷ୍ଠିତ ହୋଇଯାଇଛି। ନନ୍ଦପୁର ବ୍ଲକ ଅନ୍ତର୍ଗତ ବାଲଦାସ୍ଥିତ କଣ୍ଟାସାରୁ ଗ୍ରାମ ସଦରରେ ଅନୁଷ୍ଠିତ ସଭାରେ ମାଧବ ଦୋରା ସଭାପତିତ୍ୱ କରିଥିବାବେଳେ ସାଧାରଣ ପରିଷଦ ସଭାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳ ତଥା ସେମିଳିଗୁଡା, କୋଟପାଡ଼, ନନ୍ଦପୁର, କୋରାପୁଟ, ବୈପାରୀଗୁଡ଼ା ଅଞ୍ଚଳରୁ କୋଟିଆ ଆଦିବାସୀ ଭାଇଭଉଣୀ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ପାଙ୍ଗି ଓ ଘନଶ୍ୟାମ ନାୟକ ଯୋଗଦେଇ କୋଟିଆ ଆଦିବାସୀ ସମାଜର ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିବା ସହ କୋଟିଆ ଆଦିବାସୀ ସମାଜରେ ପ୍ରଚଳିତ କଳା, ସଂସ୍କୃତି ଓ ପରମ୍ପରାକୁ ଜୀବିତ ରଖିବା ସହ ଆମ ସମାଜକୁ ଆଗକୁ ବଢ଼ାଇବାକୁ ସମସ୍ତେ ଉଦ୍ୟମ କରିବାକୁ ହେବ ବୋଲି କହିଥିଲେ। ଏହି ଅବସରରେ କୋଟିଆ ଆଦିବାସୀ ସମାଜର ନୂତନ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତିରେ ଗଠିତ ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ସଭାପତି ମାଧବ ଦୋରା, ଉପ ସଭାପତି ଗଣେଶ୍ୱର ଖେମୁଣ୍ଡୁ, ସମ୍ପାଦକ ଗଙ୍ଗାଧର ପାଙ୍ଗି, ସହ ସମ୍ପାଦକ ସୁବାସ ବରୁଡ଼ି, କୋଷାଧକ୍ଷ ଘନଶ୍ୟାମ ବୁରୁଡିଙ୍କ ସହ କୋଷାଧକ୍ଷ ଘନଶ୍ୟାମ ବୁରୁଡି ମନୋନୀତ ହୋଇଥିଲେ। ପୂର୍ବତନ ସରପଞ୍ଚ ଡମ୍ବୁରୁଧର ଭଣ୍ଡାଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ସଭାରେ ଘାସିରାମ ବୁରୁଡି, ପର୍ଶୁରାମ ହୋଲଙ୍ଗ୍, ସଦାଶିବ ହନ୍ତାଳ, ଦୀନବନ୍ଧୁ ହନ୍ତାଳ, ଡମ୍ବୁ ଗୋଲରି, ରାମ ଚନ୍ଦ୍ର ଆକୁଲମ୍ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ନୂତନ ସମ୍ପାଦକ ଗଙ୍ଗାଧର ପାଙ୍ଗି ଓ ଧର ପାଙ୍ଗି ଧନ୍ୟବାଦ ଅର୍ପଣ କରିଥିଲେ।



# ଲୁହାଛଡ଼ ବୋଝେଇ ପିକ୍‌ଅପ୍ ଧକ୍କାରେ ମିନି ବସ୍ ଡ୍ରାଇଭର ମୃତ

**ଜି.ଉଦୟଗିରି,୧୯ ।୩(ସମିସ):** ପ୍ରତିଦିନ ପରି ଆଜି ମଧ ମିନିବସ ସିଲିକ୍ ସଫାରି ମଧ୍ୟାହ୍ନରେ ଜି. ଉଦୟଗିରିରୁ ଫଲବାଣୀ ଅଭିମୁଖେ ବାହାରିଥିଲା । ବାହାରିବାର ୧୫ ମିନିଟ ଓ ୪ କିଲୋମିଟର ଯିବା ପରେ ମାଲାନସୁଗା ବାଙ୍କରେ ଏକ ଲୁହାଛଡ ବୋଝେଇ ପିକଅପ ଭ୍ୟାନ ଧକ୍କା ଦେବାରୁ ମିନି ବସ ଚାଳକ ଆଦିକନ୍ଦ ପଣ୍ଡାଙ୍କ ମୃତ୍ୟୁ ହୋଇଥିଲା । ମିନି ବସକୁ ଭୁବନେଶ୍ୱରରୁ ବାଲିଗୁଡ଼ା ଅଭିମୁଖେ ଆସୁଥିବା ଲୁହା ଛଡ଼ ବୋଝେଇ ମାକ୍ସ୍ ପିକ୍‌ଅପ ଭ୍ୟାନ କଳିଙ୍ଗା ଜି.ଉଦୟଗିରି ମଧରେ ଥିବା ମାଲାନସୁଗା ଛକ ପାଖରେ ଦିନ ଗୋଟାଏ ବେଳେ ଧକ୍କା ହେବା ଫଳରେ ବସ ଡ୍ରାଇଭରଙ୍କ ଆଦିକନ୍ଦ ଗୁରୁତର ଆହତ ହୋଇଥିଲେ । ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ରେଫର କରାଯାଇଥିଲା । ଯିବା ରାସ୍ତାରେ ଭଞ୍ଜନଗର ନିକଟରେ ତାଙ୍କର ଅବସ୍ଥା ଅତି ଗୁରୁତର ହୋଇଥିଲା । ଭଞ୍ଜନଗର ହସ୍ପିଟାଲକୁ ନିଆଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ପରିବାର ସୂତ୍ରରୁ ପ୍ରକାଶ । ବସରେ ବସିଥିବା ଦଶରୁ ଉର୍ଦ୍ଧ୍ୱ ଯାତ୍ରୀ ମଧ ଆହତ ହୋଇଛନ୍ତି । ପିକଅପ ଭ୍ୟାନ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଅଣାଯାଇ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ସ୍ଥଳରେ ଜି.ଉଦୟଗିରି ପୁଲିସ ପହଞ୍ଚି ତଦନ୍ତ କରୁଛି । ମିନିବସ ଡ୍ରାଇଭରଙ୍କ ଘର ଜି. ଉଦୟଗିରିରେ ଏବଂ ଆଦିକନ୍ଦ ପରିବାରର ଜଣେ ମାତ୍ର ରୋଜଗାରିଆ ଥିଲେ । ତାଙ୍କର ଦୁଇ ଝିଅ ଓ ସ୍ତ୍ରୀ ଅଛନ୍ତି ।




# ସିୟୁଟିଏମ୍ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ରକ୍ତଦାନ ଶିବିର

**୧୧୧ ୟୁନିଟ୍ ରକ୍ତ ସଂଗ୍ରହ**

**ପାରଳାଖେମୁଣ୍ଡି,୧୯ ।୩(ସମିସ):** ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ସେଞ୍ଚୁରିଅନ୍ ୟୁନିଭରସିଟି ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ପାରାଲାଖେମୁଣ୍ଡି କ୍ୟାମ୍ପସ୍ ଏବଂ ୟୁଥ୍ ରେଡ୍‌କ୍ରସ୍ ମିଳିତ ଭାବେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜନ କରିଥିଲେ । ଏସ୍‌ଓଇଟି ଡିନ୍ ଇନଚାର୍ଜ ଡ. ପ୍ରଫୁଲଚନ୍ଦ୍ର ପଣ୍ଡା, , ଛାତ୍ର ବ୍ୟାପାର ଡିନ୍ ଡ.ରିତେଶ କୁମାର ଏବଂ ଅନ୍ୟାନ୍ୟ ଅଧ୍ୟାପକ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ସଂଯୋଜକ ଡ.ପ୍ରଜ୍ଞା ପାଣି ରକ୍ତ ଦାନ ଶିବିରକୁ ଉଦଘାଟନ କରିଥିଲେ । ଏଥିରେ ୧୧୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ରକ୍ତ ସଂଗ୍ରହ ପାଇଁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଓଡ଼ିଶା ବ୍ଲଡ ସେଣ୍ଟରର ଖଗେଶ୍ୱର ବେହେରାଙ୍କ ନେତୃତ୍ୱରେ ଡାକ୍ତର ଏବଂ ଟେକ୍ନିସିଆନଙ୍କ ଏକ ଟିମ୍ ଆସିଥିଲେ । ଏହି ଶିବିରକୁ ଛାତ୍ର କାର୍ଯ୍ୟକଳାପ ସଂଯୋଜକ ଡ. ସୁଶାନ୍ତ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ । ସହକାରୀ ପ୍ରଫେସର ଡ. ଶୁଭ୍ରମୟ ନାୟକ ଏବଂ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ ।



• ନିର୍ବାଚନକୁ ନେଇ ପ୍ରଶାସନର ତତ୍ପରତା

# ଦଳୀୟ ପତାକା, ପୋଷ୍ଟର ଓ ହୋର୍ଡିଂ ଉଚ୍ଛେଦ

**ବାଲିଗୁଡ଼ା, ୧୯ ।୩(ସମିସ):** ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ଏବେ ରାଜ୍ୟରେ ତତ୍ପରତା ପ୍ରକାଶ ପାଉଛି । ଏହି ପରିପ୍ରେକ୍ଷୀରେ ନିର୍ବାଚନକୁ କିଭଳି ସ୍ୱଚ୍ଛ ଓ ନିର୍ମଳ କରାଯିବ ସେଥିପାଇଁ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପ୍ରଶାସନ ଏବେ ଠାରୁ ଆରମ୍ଭ କରିଛି ପ୍ରସ୍ତୁତି । ପ୍ରଶାସନ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମିଳିତ ଭାବେ ବାଲିଗୁଡ଼ା ସହରର ବିଭିନ୍ନ ସର୍ବସାଧାରଣ ସ୍ଥାନରେ ଲାଗିଥିବା ଦଳୀୟ ପତାକା, ପୋଷ୍ଟର ଓ ହୋର୍ଡିଂକୁ ଉଚ୍ଛେଦ କରାଯାଉଛି । ଏଥିରେ ବାଲିଗୁଡ଼ା ତହସିଲଦାର ଡ.ବିଜୟ କୁମାର ସେଠୀଙ୍କ ସମେତ ଏନ୍‌ଏସି କର୍ମଚାରୀ ଓ ବାଲିଗୁଡ଼ା ଥାନା ପୁଲିସ୍ ସାମିଲ ହୋଇ ସହରର ବିଭିନ୍ନ ଛକ, ବସଷ୍ଟାଣ୍ଡ, ସ୍ୱାସ୍ଥ୍ୟକେନ୍ଦ୍ର ଛକ ସହ ଗଳିକନ୍ଦି ବୁଲି ବୁଲି ଦଳୀୟ ପତାକା ସହ ହୋର୍ଡିଂ ଓ ପୋଷ୍ଟର ଗୁଡ଼ିକୁ ଉଚ୍ଛେଦ କରାଯାଇଛି ।



# କୂଅକୁ ଡେଇଁ ନାବାଳିକାର ଆତ୍ମହତ୍ୟା ଉଦ୍ୟମ

## ଉଦ୍ଧାର କଲା ଦମକଳ ବାହିନୀ

**ଦାରିଙ୍ଗବାଡ଼ି, ୧୯ ।୩(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ଡ଼ବେରୀ ଗ୍ରାମ ବରଧାଡ଼ି ନିକଟ ଉହାସାହିରେ ଜଣେ ନାବାଳିକା ପରିତ୍ୟକ୍ତ କୂଅକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଖବର ପାଇ ଦମକଳ କେନ୍ଦ୍ରର ସମସ୍ତ କର୍ମଚାରୀ ପହଞ୍ଚି ଦଉଡି ମାଧମରେ ବାଳିକାକୁ ଉଦ୍ଧାର କରିଥିଲେ । ନାବାଳିକାର କୌଣସି କ୍ଷତି ହୋଇନଥିବା ବେଳେ ଆତ୍ମହତ୍ୟାର କାରଣ ଜଣାପଡ଼ିନି ।

# ଗଞ୍ଜେଇ ଜବତ, ମହିଳା ସହ ୨ ଗିରଫ



**ବାଲିଗୁଡ଼ା, ୧୯ ।୩(ସମିସ):** ଗଞ୍ଜେଇ ଚୋରା ଚାଲାଣ ବେଳେ ପୁଲିସ୍ ଫାନ୍ଦରେ ଜଣେ ଯୁବକ ଓ ଜଣେ ମହିଳା ପଡ଼ିଛନ୍ତି । ପାଞ୍ଚ କେଜି ଓଜନର ଗଞ୍ଜେଇ ସହ ମୋଟରସାଇକେଲ ଜବତ କରିଛି ପୁଲିସ୍ । ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ପୁଲିସ୍ ପାଟ୍ରୋଲିଂ କରୁଥିବା ବେଳେ ପୁଲିସକୁ ଦେଖି ଏକ ବାଇକରେ ଯାଉଥିବା ଯୁବକ ଓ ମହିଳା ଦ୍ରୁତଗତିରେ ପଳାଇଥିଲେ । ପୁଲିସ ବାଇକର ପିଛା କରି ବାଲିଗୁଡ଼ା ଥାନା ଅନ୍ତର୍ଗତ ସୁରୁବାଲି ନିକଟରେ ସେମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ସେମାନଙ୍କ ନିକଟରୁ ୫ କେଜି ଓଜନର ଗଞ୍ଜେଇ ସହ ମୋଟରସାଇକେଲ ଜବତ କରାଯାଇଛି । ଗିରଫ ଦୁଇଜଣଙ୍କ ମଧ୍ୟରୁ ଯୁବକ ଜଣକ ରାୟଗଡ଼ା ଜିଲ୍ଲା କାଶିପୁର ଥାନା ଅଞ୍ଚଳର ବନ ନାୟକ । ମହିଳା ଜଣକ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ଦୁର୍ଗାପ୍ରସାଦ ଗ୍ରାମର ମାନିନୀ ମାଝୀ ବୋଲି ଜଣାପଡ଼ିଛି । ଜି.ଉଦୟଗିରି ଅଞ୍ଚଳରୁ ଗଞ୍ଜେଇ ନେଇ ରାୟଗଡ଼ା ଅଭିମୁଖେ ମୋଟରସାଇକେଲ ଯୋଗେ ଯାଉଥିବା ବେଳେ ବାଲିଗୁଡ଼ା ଥାନା ସୁରୁବାଲି ନିକଟରୁ ଗିରଫ କରାଯାଇଥିବା ପୁଲିସ୍ ପକ୍ଷରୁ ସୂଚନା ମିଳିଛି ।

# ପଥର ତଳେ ଚାପି ହୋଇ ନାବାଳକ ଗୁରୁତର

**ମୋହନା, ୧୯ ।୩(ସମିସ):** ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ବଡ଼ଖଣି ଗ୍ରାମରେ ପଥର ତଳେ ଚାପି ହୋଇ ଗୁରୁତର ଆହତ ହୋଇଛନ୍ତି ଜଣେ ନାବାଳକ । ନାବାଳକ ହେଲେ ସେହିଗାଁର ବ୍ରହ୍ମା ମଲିକ(୧୫) । ଗୁରୁତର ଅବସ୍ଥାରେ ଗାଁ ଲୋକେ ଉଦ୍ଧାର କରି ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି । ମିଳିଥିବା ସୂଚନା ପ୍ରକାରେ ମଙ୍ଗଳବାର ସନ୍ଧ୍ୟାରେ ଗାଁ ପଡ଼ିଆରେ କିଛି ପିଲା ଖେଳୁଥିଲେ । ଏହି ସମୟରେ ବ୍ରହ୍ମା ଏକ ପଥର ଉପରେ ଚଢ଼ିଲା ବେଳେ ପଥରଟି ଖସି ପଡ଼ିଥିଲା । ପଥର ତଳେ ଚାପି ହୋଇଯାଇଥିଲେ ବ୍ରହ୍ମା । ତୁରନ୍ତ ଗାଁ ଲୋକେ ଘଟଣା ସ୍ଥଳରେ ପହଞ୍ଚି ବ୍ରହ୍ମାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ । ଦେଢ଼ ଘଣ୍ଟା ପରେ ଗ୍ରାମବାସୀ ବହୁ ଚେଷ୍ଟା କରି ତାଙ୍କୁ ଉଦ୍ଧାର କରି ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ।

**ସ୍ୱଷ୍ଟ ଦିବାଲୋକରେ ଲୁଟ୍**

# ୭୩ ହଜାର ଟଙ୍କା ଝାମ୍ପିନେଲେ ଦୁର୍ବୃତ୍ତ

**ଫିରିଙ୍ଗିଆ, ୧୯ ।୩(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଅଞ୍ଚଳରେ ଗତ କିଛିଦିନ ହେଲା ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି । ସ୍ୱଷ୍ଟ ଦିବାଲୋକରେ ଜନଗହଳି ପୂର୍ଣ୍ଣ ବଜାର ମଧ୍ୟରେ ଦୁଇଜଣ ଦୁର୍ବୃତ୍ତ ଏକ ପଲସର ଗାଡ଼ିରେ ଆସି ଜଣେ ବ୍ୟକ୍ତିଙ୍କ ଠାରୁ ୭୩ ହଜାର ଟଙ୍କା ଝାମ୍ପି ନେଇ ଆଖିପିଛୁଳାକେ ଫେରାର ହୋଇଯିବା ଘଟଣା ତାର ପ୍ରମାଣ ବୋଲି କୁହାଯାଉଛି । ଘଟଣାକୁ ନେଇ ଫିରିଙ୍ଗିଆ ଅଞ୍ଚଳରେ କୋକୁଆଭୟ ଦେଖା ଦେଇଥିବା ବେଳେ ଜନସାଧାରଣ ନିଜକୁ ଆଉ ସୁରକ୍ଷିତ ମଣୁନାହାନ୍ତି । ଲୁଟର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ଫିରିଙ୍ଗିଆ ପଞ୍ଚାୟତ ଶିଟକାପଟି ଗାଁର ଜୁରିଙ୍ଗା କହଁର । ଘଟଣା ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏକ ଡକାୟତି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଜୁରିଙ୍ଗା ସୋମବାର ଫିରିଙ୍ଗିଆ ୟୁକୋ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଓ ଥାନା ରାସ୍ତାରେ ଥିବା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରୁ ୨୨ ହଜାର ଟଙ୍କା ଉଠାଇଥିଲେ । ପରେ ପଞ୍ଚାୟତ କାର୍ଯ୍ୟାଳୟରୁ ଭତ୍ତା ବାବଦରେ ହଜାରେ ଟଙ୍କା ଉଠାଇ ସାଇକଲରେ ଘରକୁ ଯାଉଥିଲେ । ସାଇକଲରେ ପମ୍ପ କମଥିବାରୁ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ନିକଟରେ ଥିବା ଏକ ସାଇକଲ ମରାମତି ଦୋକାନରେ ଟଙ୍କା ଭର୍ତ୍ତି ବ୍ୟାଗକୁ ସାଇକଲ ହ୍ୟାଣ୍ଡେଲରେ ଝୁଲାଇ ଚକରେ ପମ୍ପ ଦେବା ସମୟରେ ହଠାତ ଦୁଇଜଣ ଯୁବକ ଏକ ପଲସର ବାଇକରେ ଟଙ୍କା ଥିବା ବ୍ୟାଗକୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ । ଥାନା ଠାରୁ ମାତ୍ର ପାଞ୍ଚସହ ମିଟର ଦୂରରେ ଏହି ଘଟଣା ଘଟିଛି । ଫିରିଙ୍ଗିଆରେ ଏଭଳି ଘଟଣା ପ୍ରଥମ ଥର ପାଇଁ ହୋଇଥିବା କୁହାଯାଉଛି । ଏଭଳି ଘଟଣା ପାଇଁ ପୁଲିସର ନିଷ୍କ୍ରିୟତାକୁ ଲୋକେ ଦାୟୀ କରିଛନ୍ତି । ପୁଲିସ ଏସମ୍ପର୍କରେ ତଦନ୍ତ କରୁଥିଲେ ମଧ ଦୁର୍ବୃତ୍ତଙ୍କ ସମ୍ପର୍କରେ ସାମାନ୍ୟ ଟେର ପାଇ ନ ଥିବା ଜଣାପଡ଼ିଛି । ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ସହରର ବିଭିନ୍ନ ଜାଗାରେ ସିସି ଟିଭି ଲଗାଯାଇଛି । କିନ୍ତୁ ଗତ କିଛିମାସ ପୂର୍ବେ ହୋଇଥିବା ଥାନା ପୋଡି ସମୟରେ ଥାନା ପରିସରରେ ଥିବା ସିସି ଟିଭି କଣ୍ଟ୍ରୋଲ ରୁମରେ ଲାଗିଥିବା ଯନ୍ତ୍ରାଂଶ ପୋଡି ଯାଇଥିଲା । ଫଳରେ ଦଶମାସ ହେଲା ସମସ୍ତ ସିସି କ୍ୟାମେରା ବ୍ୟବସ୍ଥା ବନ୍ଦ ହୋଇଯାଇଛି । ପୁଲିସ କେବଳ ଗଞ୍ଜେଇ ଗଛ କାଟିବା ଓ ଧରିବାରେ ବ୍ୟସ୍ତ ରହିଛି । ସହରରେ ପୁଲିସ ପାଟ୍ରୋଲିଂ ହେଉ ନ ଥିବାରୁ ଚୋରି, ରାହାଜାନି, ଧକାୟତି, ଲୁଟ ଭଳି ଅପରାଧିକ ଘଟଣା ବୃଦ୍ଧି ପାଇବାରେ ଲାଗିଛି । ସହରରେ ମଦ୍ୟପାନ କରି ଦ୍ରୁତ ଗତିରେ ଗାଡି ଚଳାଇବା ବୃଦ୍ଧି ପାଇଥିବା ବେଳେ ସଡ଼କ ଦୁର୍ଘଟଣା ମଧ ବଢ଼ିବାରେ ଲାଗିଛି । ବିଶେଷ କରି କଲେଜ ଓ ସ୍କୁଲ ସମୟରେ ଏଭଳି ରୋଡ଼ରୋମିଓଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଥିବା ବେଳେ ମଦ୍ୟପ ବିଭିନ୍ନ ଜାଗାରେ ତଥା ରାସ୍ତାକଡରେ ମଦ୍ୟପାନ କରୁଥିବାରୁ ସାଧାରଣ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ପାଇଁ ପୁଲିସ ପାଟ୍ରୋଲିଂ ଜୋରଦାର କରିବାକୁ ଦାବି ହେଉଛି ।




# ବିଭିନ୍ନ ଦଳର ହୋର୍ଡିଂ ହଟାଉଛି ଏନ୍‌ଏସି

**ଜି.ଉଦୟଗିରି, ୧୯ ।୩(ସମିସ):** ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ସହିତ ଆଚରଣ ବିଧି ଲାଗୁ ହୋଇଛି । ଏଥିପାଇଁ ପ୍ରସ୍ତୁତ ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ରାଜନୈତିକ ଦଳ ସହିତ ବ୍ୟକ୍ତି ବିଶେଷଙ୍କ ବ୍ୟାନର, ହୋର୍ଡିଂ ହଟାଇବା କାମ ଆରମ୍ଭ




ହୋଇଛି । ମଙ୍ଗଳବାର ଏନଏସି ତରଫରୁ ଜି. ଉଦୟଗିରି ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ଦଳୀୟ ବ୍ୟାନର, ହୋର୍ଡିଂ ବାହାର କରାଯାଉଥିବା ଦେଖିବାକୁ ମିଳିଛି । ରାଜ୍ୟରେ ଚାରୋଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ କନ୍ଧମାଳ ଦ୍ୱିତୀୟ ପର୍ଯ୍ୟାୟରେ ଅର୍ଥାତ୍ ମେ ୨୦ ତାରିଖରେ ଭୋଟ ଗ୍ରହଣ କରାଯିବ ।

# ଭୋଟର ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ




**ମୋହନା,୧୯ ।୩(ସମିସ):** ଗଜପତି ଜିଲ୍ଲା ମୋହନା ହିଲଟପ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ୟୁନିଟ୍ ବିଭାଗ ଦ୍ୱାରା ଗତ ଦୁଇ ଦିନ ଧରି ଆୟୋଜିତ ଭୋଟର ସଚେତନତା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଜାତୀୟ ସେବା ଯୋଜନା ଅଧିକାରୀ ଅନିଲ ତ୍ରିପାଠୀଙ୍କ ସଂଯୋଜନା ଏବଂ ୫୦ ଜଣ ଏନଏସଏସ ବିଦ୍ୟାର୍ଥୀଙ୍କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ସୀମାଞ୍ଚଳ ସାହୁ ଉଦଘାଟନ କରିଥିବା ବେଳେ ଦ୍ୱିତୀୟ ଦିବସର କାର୍ଯ୍ୟକ୍ରମରେ ବରିଷ୍ଠ ଅଧାପକ ଭଗବାନ ବିଷୋୟୀ ସଭାପତିତ୍ୱ କରିଥିଲେ । ଏହି କର୍ମଶାଳାରେ ଇଂରାଜୀ ଅଧାପକ ଏସ.ରମେଶ ମୁଖ୍ୟ ଅତିଥି ଏବଂ ଶିକ୍ଷା ବିଭାଗ ଅଧାପକ ଡ.ଅନ୍ତର୍ଯ୍ୟାମୀ ଗୌଡ଼ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସ୍ୱଚ୍ଛତା କାର୍ଯ୍ୟକ୍ରମ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମହାବିଦ୍ୟାଳୟ ପରିସରରେ ସଫେଇ କରିଥିଲେ ।

# ନଡ଼ିଆ ଗଛରୁ ପଡ଼ି ଯୁବକ ମୃତ

**ବାଲିଗୁଡ଼ା, ୧୯ ।୩(ସମିସ):** କନ୍ଧମାଳ ଜିଲ୍ଲା ବେଲଘର ଅଞ୍ଚଳରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ନଡ଼ିଆ ତୋଳିବା କାଳ ହୋଇଛି । ଘର ନିକଟସ୍ଥ ନଡ଼ିଆ ଗଛରୁ ନଡ଼ିଆ ତୋଳିବା ବେଳେ ଗଛରୁ ଖସିପଡ଼ି ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ମୃତକ ଜଣକ ତୁମୁଡ଼ିବନ୍ଧ ଥାନା ମାଲିପଡ଼ା ଅଞ୍ଚଳର ବାଦଲ ପରାସେଠ୍ । ସୂଚନା ପ୍ରକାରେ ବାଦଲ ବେଲଘର ସ୍ଥିତ ବିଏସ୍‌ଏନ୍‌ଏଲ୍ ଟାୱରରେ କାମ କରୁଥିଲେ । ସେ ରହୁଥିବା ଘର ନିକଟସ୍ଥ ଏକ ନିଡ଼ିଆ ଗଛରୁ ନଡ଼ିଆ ତୋଳିବା ପାଇଁ ଗଛରେ ଚଢିଥିଲେ । ହେଲେ ଅସାବଧାନତା କାରଣରୁ ଗଛରୁ ତଳକୁ ଖସି ପଡ଼ିବାରୁ ଗୁରୁତର ଆହତ ହୋଇଥିଲେ । ଗୁରୁତର ଅବସ୍ଥାରେ ବାଦଲଙ୍କୁ ପରିବାର ଲୋକେ ପ୍ରଥମେ ବେଲଘର ଡାକ୍ତରଖାନାକୁ ନେଇଥିଲେ । ସେଠାରୁ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଶେଷରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ ଡାକ୍ତର । ବାଲିଗୁଡ଼ାରେ ଡାକ୍ତର ବାଦଲଙ୍କୁ ମୃତ ଘୋଷଣା କରିଥିଲେ ।

# ବଜ୍ରପାତରେ ଭାଇ ମୃତ, ଭଉଣୀ ଗୁରୁତର



**ବାଲିଗୁଡା, ୧୯ ।୩(ସମିସ):** ବଜ୍ରପାତରେ ଭାଇ ମୃତ୍ୟୁ ହୋଇଥିବା ବେଳେ ଭଉଣୀ ଗୁରୁତର ଆହତ ହୋଇଛନ୍ତି । ଅଳ୍ପକେ ବର୍ତିଲେ କକା ଓ ଖୁଡି । କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ସୁବର୍ଣ୍ଣଗିରି ଗାଁରେ ଏପରି ଅଭାବନୀୟ ଘଟଣା ଘଟିଛି । ସୁବର୍ଣ୍ଣଗିରି ଗାଁର ଭାଇ, ଭଉଣୀ, କକା ଓ ଖୁଡି ଚାରି ଜଣ ମିଶି ଗାଁ ନିକଟରେ ଥିବା ଜାମପଦା ଜଙ୍ଗଲକୁ ମହୁଲ ସଂଗ୍ରହ ପାଇଁ ଯାଇଥିଲେ । ମହୁଲ ସଂଗ୍ରହ ସମୟରେ ବର୍ଷା ହେବାରୁ ମହୁଲ ଗଛ ତଳେ ସମସ୍ତେ ଆଶ୍ରୟ ନେଇଥିଲେ । ସେହି ସମୟରେ ସେଠାରେ ହଠାତ ବଜ୍ରପାତ ହୋଇଥିଲା । ଏଥିରେ ଭାଇ ମୁକେଶ ପ୍ରଧାନୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଭଉଣୀ ସୁପ୍ରିୟା ପ୍ରଧାନୀ ଗୁରୁତର ହୋଇଥିଲେ । କକା ଓ ଖୁଡି ସୌଭାଗ୍ୟବଶତଃ ବର୍ତ୍ତି ଯାଇଥିଲେ । ଘଟଣା ସ୍ଥଳରୁ ସୁପ୍ରିୟାଙ୍କୁ ଆମ୍ବୁଲାନ୍ସ ଯୋଗେ ବାଲିଗୁଡା ଡାକ୍ତରଖାନାକୁ ନିଆଯାଇଛି ।

**ବିବିଧ ସମସ୍ୟାରେ ଲାଇଲାଇ ଗ୍ରାମ**

# ମୋବାଇଲ ନେଟୱର୍କ ପାଇଁ ଚଢ଼ିବାକୁ ପଡୁଛି ପାହାଡ଼

**ରାୟଗଡ଼, ୧୯ ।୩(ସମିସ):** ଯେଉଁ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ଯେତେ ସୁଦୃଢ ସେହି ଅଞ୍ଚଳର ସାମାଜିକ ଓ ଆର୍ଥିକ ସ୍ଥିତି ସେତେ ଉନ୍ନତ । ଏହାକୁ ଉପଲବ୍ଧି କରି ସରକାର ଦୁର୍ଗମ ଅଞ୍ଚଳର ଯାତାୟତ ବ୍ୟବସ୍ଥାରେ ଉନ୍ନତି ପାଇଁ ଯୋଜନା ପରେ ଯୋଜନା କରିବା ସହ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଛନ୍ତି । ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଅନେକ ଅଞ୍ଚଳକୁ ଏଯାଏଁ ଭଲ ରାସ୍ତା ନିର୍ମାଣ ହୋଇପାରିନାହିଁ । ଏଥସହ ଟେଲି ଯୋଗାଯୋଗ ବା ନେଟୱାର୍କ ସମସ୍ୟା ଲୋକଙ୍କୁ ଆହୁରି ଅସୁବିଧାରେ ପକାଇଛି । ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ଲାଇଲାଇ ଗ୍ରାମରେ । ଏଠାକାର ଆଦିବାସୀ ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଦାବି କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି । ଅତିଶୀଘ୍ର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ପ୍ରଶାସନିକ ଅଧିକାରୀ । ହେଲେ ହେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ଲାଇଲାଇ ପଞ୍ଚାୟତର ଲାଇଲାଇ ଗାଁ । ଏହି ଗାଁରେ ପ୍ରାୟ ୨ଶହ ଘର ରହିଥିବା ବେଳେ ଲୋକ ସଂଖ୍ୟା ହଜାରରୁ ଅଧିକ । ଏହି ଗାଁକୁ ଯିବାକୁ ହେଲେ ପିଏମଜିଏସୱାଇ ରାସ୍ତାରୁ ପ୍ରାୟ ୨କିମି ରାସ୍ତା ଅତିକ୍ରମ କରିବାକୁ ହୁଏ । ଏହି ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲେ ମଧ ଏହାର ନିର୍ମାଣ କାମ ହୋଇପାରୁନାହିଁ । ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ରାସ୍ତାକାମ ଆରମ୍ଭ ବେଳେ ଏହି ୨କିମି ରାସ୍ତା ନିର୍ମାଣ କରାଯିବ ବୋଲି କୁହାଯାଇଥିଲା । ହେଲେ ଆଜିଯାଏଁ ଏହି ରାସ୍ତା ନିର୍ମାଣ ହୋଇନାହିଁ । ଫଳରେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗାଁରେ କାହାର ସାମାନ୍ୟ ଦେହ ଖରାପ ହେଲେ ଭାରରେ ବୁହା ହୋଇ ଅନ୍ୟତ୍ର ନେବାକୁ ପଡେ । ଅନ୍ୟପଟେ କୌଣସି ମୋବାଇଲ ନେଟୱାର୍କର ସୁବିଧା ନ ଥିବାରୁ ଆମ୍ବୁଲାନ୍ସ ସେବାରୁ ମଧ ଗ୍ରାମବାସୀ ବଞ୍ଚିତ ରହିଛନ୍ତି । ବର୍ଷା ଦିନେ ସ୍ଥିତି ଅଧିକ ଶୋଚନୀୟ ହୋଇପଡୁଛି । ଏନେଇ ବିଭାଗୀୟ ଅଧିକାରୀ ଏବଂ ପ୍ରଶାସନ କୁ ବାରମ୍ବାର ଜଣାଇଲେ ମଧ କେହି ହେଲେ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଆଦିବାସୀ ଅଧ୍ୟୁଷିତ ଏହି ଗାଁର ବହୁ ଦୂରରେ ଚିକିତ୍ସାଳୟ ରହିଥିଲେ ମଧ ରାସ୍ତା ସମସ୍ୟା ଯୋଗୁଁ ଲୋକଙ୍କୁ ସେଠାକୁ ଯିବାରେ ଅସୁବିଧା ହେଉଛି । ପାଠ ପଢ଼ିବା ପାଇଁ ପିଲାଏ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଏହି ରାସ୍ତା ରେ ଯାଉଥବା ବେଳେ ଲୋକେ ବ୍ୟବସାୟ ପାଇଁ ମଧ ବିପଦଶଙ୍କୁଳ ଅବସ୍ଥାରେ ଏହି ରାସ୍ତାରେ ଯାତାୟତ କରୁଛନ୍ତି । ଅନ୍ୟପଟେ ନେଟୱାର୍କକୁ ଖୋଜିବା ପାଇଁ ଗାଁରୁ ଅନେକ ଦୂର ପାହାଡ କିମ୍ବା ଗଛ ଉପରକୁ ଚଢ଼ିବାକୁ ପଡୁଛି । ଲାଇଲାଇ ପଞ୍ଚାୟତର ମର୍କଡା, ରେଗମ, କୁମୁଣ୍ଡା, ବୁଡୁସାହି, ଝାଲିଆ ସାହି, ଏଣ୍ଡ୍ରି, ତିଲି, ଉପର ତିଲି, ଜାମୁତରଙ୍ଗ, କୁରୁଡ଼ା, ସାନ ଲୋବା, ବିଷମପାଡୁ ଆଦି ଗ୍ରାମର ପ୍ରାୟ ୬ ହଜାରରୁ ଅଧିକ ଲୋକ ଏଥିରୁ ବଞ୍ଚିତ ହେଉଛନ୍ତି । ତେଣୁ ଏହାର ସମାଧାନ ଦିଗରେ ପ୍ରଶାସନ ଅତି ଶୀଘ୍ର ପଦକ୍ଷେପ ଗ୍ରହଣ କରି ଏଠାକାର ଲୋକଙ୍କ ସମସ୍ୟାର ଅନୁଧ୍ୟାନ କରାଯାଇ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ବିଡିଓ ସୁଧୀର କୁମାର ସିଂଙ୍କ ସହ ଯୋଗାଯୋଗ କରାଯିବାରୁ ଉକ୍ତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି । ଗ୍ରାମାଞ୍ଚଳର ଉନ୍ନତି ପାଇଁ ବିଶେଷ କରି ଆଦିବାସୀଙ୍କ ନାଁରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କରିଛନ୍ତି । ଏଥିରେ ପ୍ରତିବର୍ଷ କୋଟି କୋଟି ଟଙ୍କା ମଧ ଖର୍ଚ୍ଚ କରୁଛନ୍ତି । ହେଲେ ଲାଇଲାଇ ଗାଁରେ ଭଲ ରାସ୍ତା ଖଣ୍ଡିଏ ହୋଇ ନ ପାରିବା ପରିତାପର ବିଷୟ ବୋଲି କୁହାଯାଉଛି ।





## ସୀମାନ୍ତରେ ପୁଲିସ-ମାଓ ଗୁଳି ବିନିମୟ; ଜଣେ ମାଓବାଦୀ ନିହତ

**ମାଲକାନଗିରି,୧୯।୩(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡ଼ାରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ଜଣେ ମାଓବାଦୀ ନିହତ ହୋଇଛି। ସୂଚନାନୁଯାୟୀ, ଛତିଶଗଡ଼ର ଦନ୍ତେୱାଡ଼ା ଜିଲ୍ଲାର ପୁରଙ୍ଗେଲ ଅଞ୍ଚଳ ପୁଲିସ ପକ୍ଷରୁ ମାଓ ଦମନ ପାଇଁ ତଲାସୀ ଅଭିଯାନବେଳେ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ମାଓବାଦୀ ପୁଲିସକୁ ଦେଖି ଗୁଳି ଚାଳନା କରିଥିଲେ। ଏହାର ପାଲଟା ଜବାବ ଦେଇ ପୁଲିସ ମଧ୍ୟ ଗୁଳି ଚାଳନା କରିଥିଲେ। ହେଲେ ପୁଲିସ ଗୁଳି ଚାଳନାକୁ ସାମ୍ନା କରି ନ ପାରି ମାଓବାଦୀମାନେ ସେଠାରୁ ଖସି ପଳାଇଥିଲେ। ପରେ ପୁଲିସ ପକ୍ଷରୁ ଅଞ୍ଚଳରେ ତଲାସୀ ଅଭିଯାନବେଳେ ଜଣେ ମାଓବାଦୀର ମୃତଦେହ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରୁ ଗୋଟିଏ ବନ୍ଧୁକ ଓ ମାଓ ସାମଗ୍ରୀ ଜବତ ହୋଇଥିବା ବସ୍ତର ଆଇଜି ସୁନ୍ଦର୍ଶନ ପି ଘଟଣାକୁ ସ୍ପଷ୍ଟ କରିଛନ୍ତି।

## ଅବକାରୀ ଧରପଗଡ଼; ୨ଗିରଫ



**ରାୟଗଡ଼ା, ୧୯।୩(ସମିସ):** ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଅବାଧ ଚୋରା ମଦ କାରାବାର ଉପରେ ଅଙ୍କୁଶ ଲଗାଇବା ପାଇଁ ରାୟଗଡ଼ା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ଅବକାରୀ ଥାନା ଅଞ୍ଚଳ ତଥା ଓଡ଼ିଶା ଆନ୍ଧ୍ରୀ ସୀମାନ୍ତ ଅଞ୍ଚଳରେ କଣ୍ଟ୍ରୋଲ ରୁମ୍ ଗଠନ କରାଯାଇ ପ୍ରତ୍ୟେକ ଦିନ ଅବକାରୀ ଧରପଗଡ଼ ଜାରି ରହିଛି। କ୍ରମରେ ଆଜି ରାୟଗଡ଼ା ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ଅଧିକାରୀ ଦିନେଶ କୁମାରଙ୍କ ନେତୃତ୍ୱରେ ଶେଷଖାଲ ଥାନା ଅନ୍ତର୍ଗତ ଚିନ୍ନାପେଡ଼ମ୍ ଗ୍ରାମରେ ଚଢ଼ଉ କରାଯାଇ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏମାନଙ୍କ ଠାରୁ ବେଆଇନ ଭାବେ ବିକ୍ରି କରୁଥିବା ୩୦ଲିଟର ଲେଖାଁଏ ୬୦ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇ ନଷ୍ଟ କରାଯାଇଛି। ସେହିପରି ପଦ୍ମପୁର ଥାନା ଅନ୍ତର୍ଗତ ସରଧାପୁର, ଲକ୍ଷ୍ମଣଗୁଡା, ଡାକସୁକୁଲା ଗ୍ରାମଗୁଡିକରେ ଗୁଡାରୀ ଅବକାରୀ ଥାନା ଓଆଇସି ବସନ୍ତ ବିଶିଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ୧୫୭ଲିଟର ଦେଶୀ ରନ୍ଧା ମଦ ଓ ୧୦୫୦ ଲିଟର ମହୁଲ ପୋଚକୁ ଜବତ କରି ନଷ୍ଟ କରାଯାଇଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ଗୁରୁତର



**ଉମରକୋଟ, ୧୯।୩(ସମିସ):** ଉମରକୋଟ ପୌର ପରିଷଦ ଅଧିନ ୧୨ ନମ୍ବର ୱାର୍ଡସ୍ଥିତ ସନ୍ତୋଷୀ ମନ୍ଦିର ନିକଟରେ ଥିବା ସୁଶାନ୍ତ ମଣ୍ଡଳଙ୍କ ଘରେ ବିଦ୍ୟୁତ ସଟସର୍କିଟ ଯୋଗୁଁ ରାତ୍ର ୮.୩୦ ସମୟରେ ଘରେ ନିଆଁ ଲାଗି ଯାଇଥିଲା। ସୌଭାଗ୍ୟକୁ ସେତେବେଳେ ଘରେ କେହି ନ ଥଲେ। ଭଡ଼ାରେ ରହୁଥିବା ଦୀପକ ସଗଡ଼ିଆ ଉକ୍ତ ଘରର ଟିଣ ଉପରେ ଚଢ଼ି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ସେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ସାହିପଡ଼ିଶା ଲୋକେ ବିଦ୍ୟୁତ ବିଭାଗକୁ ଖବର ଦେଇ ବିଦ୍ୟୁତ ସରବରାହ ବନ୍ଦ କରିବାକୁ କହିଥିଲେ। ଦୀପକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତାଙ୍କ ଶରୀରର ବିଭିନ୍ନ ସ୍ଥାନ ପୋଡି ଯାଇଛି। ଅନ୍ୟପଟେ ଖବର ପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ସୁଶାନ୍ତଙ୍କ ଘରେ ନିଆଁ ଲାଗି ସମସ୍ତ ଆସବାବପତ୍ର ପୋଡ଼ି ଯାଇଛି। ସୂଚନା ଅନୁଯାୟୀ ଦୀପକଙ୍କ ଘର ପୌରାଞ୍ଚଳ ଅନ୍ତର୍ଗତ ଚଢେଇ ଗୁଡା ଗ୍ରାମରେ।

## ମୁକ୍ତେଶ୍ୱର ମହାଦେବଙ୍କ ପ୍ରାସାଦ ପ୍ରତିଷ୍ଠା ଉତ୍ସବ

**ଗଞ୍ଜାମ, ୧୯ ।୩ (ସମିସ):** ଗଞ୍ଜାମ ବ୍ଲକ୍ ଶତ୍ରୁସୋଲ ଗ୍ରାମରେ ବାବା ମୁକ୍ତେଶ୍ୱର ମହାଦେବଙ୍କ ନୂତନ ପ୍ରାସାଦ, ହନୁମାନ ମନ୍ଦିର ଓ ଶନିଶ୍ଚର ଦେବଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହେଉଛି। ଘୃତଯଜ୍ଞ, ୪୮ ପ୍ରହର ନାମଯଜ୍ଞ, ଜ୍ଞାନଯଜ୍ଞ, ଦୀପଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହେଉଛି। ସମ୍ପୂର୍ଣ୍ଣ ବୈଦିକ ରୀତିରେ ପଣ୍ଡିତ ଅଶୋକ କୁମାର ଶତପଥୀ, ପଣ୍ଡିତ ଦିବାକାର ତ୍ରିପାଠୀ ଓ ମହନ୍ତ ଶ୍ରୀ ରାଧା ବିନୋଦ ଦାଶ ଗୋସ୍ୱାମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହେଉଛି। ଆସନ୍ତା ୨୧ ତାରିଖରେ ଯଜ୍ଞ ସମାପନ ହୋଇଛି। ନାମ ସଂକୀର୍ତ୍ତନ ଓ ଘୃତଯଜ୍ଞରେ ପଣ୍ଡିତ ମାନଙ୍କ ଦେବମନ୍ତ୍ର ଧ୍ୱନିରେ ସ୍ଥାନୀୟ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହେଉଛି।

# ପାଲସିନିମା ବନ୍ଧର ପୁନଃରୁଦ୍ଧାର କରାଯାଉ

**ରାୟଗଡ଼ା, ୧୯।୩(ସମିସ)**

ରାୟଗଡ଼ା ଜିଲ୍ଲା ସଦର ବ୍ଲକ ତାଡମା ପଞ୍ଚାୟତ ଅନ୍ତର୍ଗତ ଗୌଡ଼ଖିଲମ୍ ଗ୍ରାମ ନିକଟରେ ଥିବା ପାଲସିନିମା ଡ୍ୟାମ(ବନ୍ଧ)ର ପୁନଃରୁଦ୍ଧାର କରାଗଲେ ଅଞ୍ଚଳରେ ଥିବା ୪୦୦ଏକର ଚାଷ ଜମି ଜଳସେଚିତ

- **ଗୌଡ଼ଖିଲମ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ**
- **ଜଳ ସଂରକ୍ଷଣ ବ୍ୟବସ୍ଥା ହେଲେ ୪୦୦ ଏକର ଜମି ହୋଇପାରିବ ଜଳସେଚିତ**

ହୋଇପାରିବ। ଏଭଳି ହେଲେ ଚାଷୀମାନଙ୍କ ପରିବାର ଉପକୃତ ହୋଇପାରିବେ। ଗ୍ରାମବାସୀ ଏ ନେଇ ବାରମ୍ବାର ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଦାବି କରି ଆସୁଥିବା ବେଳେ ଏହାକୁ କେହି କର୍ଣ୍ଣପାତ କରୁ ନ ଥିବାରୁ ପୁଣିଥରେ ପ୍ରଶାସନ ଉପରେ ବିଶ୍ୱାସ ରଖି ମଙ୍ଗଳବାର ଦିନ ଗୌଡ଼ଖିଲମ ଗ୍ରାମବାସୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି। ଏହି ଦାବିପତ୍ରରେ ଗୌଡଖିଲମ ଗାଁରେ ପ୍ରାୟ ୧୦୦ ପରିବାର ବସବାସ କରୁଥିବା ବେଳେ ଅନେକାଂଶ ଚାଷୀ ପରିବାର ଅଟନ୍ତି। ତେବେ ଅଞ୍ଚଳରେ ଜଳସେଚନର ବ୍ୟବସ୍ଥା ନ ଥିବାରୁ ଚାଷୀ ତଥା ଗ୍ରାମବାସୀମାନେ ଚାଷୀମୂଲିଆ ଭାବେ କାମ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ଗ୍ରାମରେ ପାଖାପାଖି ୪୦୦ଏକର ଚାଷ ଜମି ରହିଥିବା ବେଳେ ବର୍ଷା ଉପରେ ନିର୍ଭର କରି ଚାଷୀମାନେ ଚାଷ କରିଥାନ୍ତି। ଅନେକ ଥର ଅଳ୍ପବୃଷ୍ଟି କିମ୍ବା ଅନାବୃଷ୍ଟି ହେଲେ ମରୁଡ଼ି ସମସ୍ୟାରେ ସମ୍ମୁଖୀନ ହୋଇଥାନ୍ତି ଯାହାକି ଜୀବନଜୀବିକାରେ ଅଧିକ ପ୍ରଭାବ ପକାଇଥାଏ। ବାଧ୍ୟ ହୋଇ ଚାଷୀ ମଧ୍ୟ ଚାଷ କାମ ଛାଡି ଦାଦନ ଖଟିବାକୁ ଯାଆନ୍ତି ବୋଲି ଉଲ୍ଲେଖ ରହିଛି। ଏଭଳି ସମସ୍ୟାର ସମାଧାନ ପାଇଁ ଗାଁ ନିକଟରେ ଥିବା ପାଲସିନିମା ବନ୍ଧକୁ ପୁଣି ଖନନ କରାଯାଇ ତାହାର ପୁନଃରୁଦ୍ଧାର କାର୍ଯ୍ୟ ବୃହଦୀକରଣ ଯୋଜନା ମାଧ୍ୟମରେ କରାଗଲେ ତଥା ବର୍ଷା ଜଳର ସଂରକ୍ଷଣ ବ୍ୟବସ୍ଥା କରି ଜଳସେଚନର ବ୍ୟବସ୍ଥା କଲେ ଗୌଡଖିଲମ ଗ୍ରାମ ସହ କନ୍ଧଖିଲମ, ଶ୍ରୀରାମ ନଗର ଏବଂ ସିଙ୍ଗିପୁଟ ଅଞ୍ଚଳର ଚାଷୀ ମଧ୍ୟ ଉପକୃତ ହେବେ ବୋଲି ଉଲ୍ଲେଖ ରହିଛି। ଗ୍ରାମବାସୀଙ୍କ ବାରମ୍ବାର ଦାବିକୁ ନେଇ କ୍ଷୁଦ୍ର ଜଳସେଚନ ବିଭାଜନ ରାୟଗଡ଼ା କାର୍ଯ୍ୟାଳୟ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ଅଞ୍ଚଳ ପରିଦର୍ଶନ କରିବା ସହ ଗ୍ରାମବାସୀଙ୍କ ସହ କିଛି ଦିନ ପୂର୍ବରୁ ଆଲୋଚନା କରିଥିବା ନେଇ ଗ୍ରାମର ଚନ୍ଦ୍ରଶେଖର ଖରସେଲ୍ଫ ପ୍ରକାଶ କରିଛନ୍ତି।



## ପିସି ଆଣ୍ଡ ପିଏନ୍‌ଡିଟି ଆକ୍ଟ ୧୯୯୪ର ଜିଲ୍ଲାସ୍ତରୀୟ ଉପଦେଷ୍ଟା କମିଟି ବୈଠକ

**ନବରଙ୍ଗପୁର,୧୯।୩(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପିସି ଏଣ୍ଡ ପିଏନ୍‌ଡ଼ିଟି ଆକ୍ଟ ୧୯୯୪ର ଜିଲ୍ଲାସ୍ତରୀୟ ଉପଦେଷ୍ଟା କମିଟି ବୈଠକ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରଠାରେ ଜିଲ୍ଲାପାଳ ଡ. କମଳଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କାଳୀ ପ୍ରସାଦ ବେହେରା, ଏଡିପିଏଚଓ (ପରିବାର କଲ୍ୟାଣ) ଡା.ମଳୟ କୁମାର ତ୍ରିପାଠୀ, ମେଡିସିନ ବିଶେଷଜ୍ଞ ଡା. ମନମୋହନ ବିଶୋଇ, ଖ୍ରୀଷ୍ଟିୟାନ ହସ୍ପିଟାଲର ସୁପରିଟେଣ୍ଡେଣ୍ଟ ଡା. ସନ୍ତୋଷ କୁମାର ନାଗ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଏଡିଇଓ ରେଶମ ଲାଲ ନାୟକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା ପ୍ରକଳ୍ପ ଅଧିକାରୀ ସୁଶାନ୍ତ କୁମାର ପ୍ରହରାଜଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସଦସ୍ୟା, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ଓ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ପିସିଏଣ୍ଡ ପିଏନଡିଟି ଆକ୍ଟ ୧୯୯୪ର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲୋକଙ୍କ ସୁବିଧା ଓ ସେବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ବୁଧବାର ଓ ଗୁରୁବାର, ଉମରକୋଟ ଉପଖଣ୍ଡ ଚିକିତ୍ସାଳୟଠାରେ ସୋମବାର, ବୁଧବାର ଓ ଶୁକ୍ରବାର, ପାପଡ଼ାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଗୁରୁବାର, ଖ୍ରୀଷ୍ଟିୟାନ ହସ୍ପିଟାଲଠାରେ ରବିବାର ବ୍ୟତୀତ ସବୁଦିନ ଉପଲବ୍ଧ ଥିବା ଏହି ସମସ୍ତ ଅଲ୍ଟ୍ରାସାଉଣ୍ଡ ବ୍ୟବସ୍ଥାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲିଙ୍ଗ ନିରୂପଣ କରିବା ଆଇନଗତ ଅପରାଧ। ତେଣୁ କୌଣସି ପ୍ରକାର ଲିଙ୍ଗ ନିରୂପଣ ଅଭିଯୋଗ ଆସିଲେ ତାହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ତେଣୁ ଏଦିଗରେ ସ୍ୱାସ୍ଥ୍ୟ ବିଭାଗ ତିକ୍ଷ୍ଣ ଦୃଷ୍ଟି ରଖିବା ପାଇଁ ଜିଲ୍ଲାପାଳ ଡ. ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଏଡିପିଏଚଓ ଡା.ମଳୟ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




## ବିଲାଂଶିଲ ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ



**ପୋଡ଼ଗଡ,୧୯।୩(ସମିସ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକର ଗାଦିଆଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ବିଲାଂଶିଲ ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର କୀର୍ତ୍ତନ ମଣ୍ଡଳୀ ଏହାକୁ ଆୟୋଜନ କରିଥିଲେ। ଉକ୍ତ ଅଷ୍ଟପ୍ରହରୀରେ ପ୍ରାୟ ୨୦ଟି ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ଛଟାଗୁଡ଼ା, ଆଦମୁଣ୍ଡ, ତାମିଲ, ପଟାମଲିଗୁଡ଼ା, ପଡୟପୁଟ ପ୍ରଭୃତି ଗ୍ରାମର ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ସାମିଲ ହୋଇଥିଲେ। ଏହି ଅଷ୍ଟପ୍ରହରୀ ନାମଯଜ୍ଞରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ଝୀନ୍ନ ହିକକା ଯୋଗଦେଇଥିବାବେଳେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର କୁଲେସିକା, ବିଜେଡି ଯୁବ ନେତା ଶଙ୍କର ସାଉନ୍ତା, ଗାଦିଆଗୁଡ଼ା ସମିତି ସଭ୍ୟ ଅଭି ମୁଦୁଲି, ସରପଞ୍ଚ ଆନନ୍ଦ ନାୟକ, ବିଜେଡି ପଞ୍ଚାୟତ ସଭାପତି ଗୁପ୍ତ ବିଷୋଇ, ଏସଡିସି ସଭ୍ୟ କୁମୁଟି ଜାନି ଯୋଗଦେଇ ଅଷ୍ଟପ୍ରହରୀରେ ଉପସ୍ଥିତ କୀର୍ତ୍ତନ ମଣ୍ଡଳୀମାନଙ୍କୁ ଉତ୍ସାହିତ କରିଥିଲେ। ଶେଷଦେବ ବିଷୋୟୀ, ଯୁଧିଷ୍ଠିର ବିଷୋଇ, ଜଗନ୍ନାଥ ବିଷୋଇ, ତ୍ରିନାଥ ବିଷୋଇ, କୁନାଲ ବିଷୋଇ, ବାବୁଲା ବିଷୋଇ ଓ ନରେନ୍ଦ୍ର ବିଷୋଇ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ନିଲାବାଡ଼ି ଅଗ୍ନିଗଙ୍ଗା ମା’ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ

**ବନ୍ଧୁଗାଁ,୧୯।୩(ସମିସ):** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ନିଲାବାଡ଼ି ଗ୍ରାମରେ ପ୍ରତିବର୍ଷ ପରି ଚଳିତ ବର୍ଷ ସୋମବାର ଠାରୁ ଅଧିଷ୍ଠାତ୍ରୀ ଦେବୀ ଅଗ୍ନୀ ଗଙ୍ଗାମା’ଙ୍କ ଠାକୁରାଣୀ ଯାତ୍ରା ଆରମ୍ଭ ହୋଇଯାଇଛି। କିମ୍ବଦନ୍ତୀ ଅନୁସାରେ, ରାଜ ରାଜୁଡ଼ା ଅମଳରୁ ନିଲାବାଡ଼ି ଅଗ୍ନିଗଙ୍ଗାମା’ ଠାକୁରାଣୀ ଗଦବା ସମ୍ପ୍ରଦାୟଙ୍କ ଦ୍ୱାରା ପୂଜା ପାଇ ଆସୁଥିଲେ। ସେହି ସମୟରେ ଜୟପୁର ରାଜାମାଆ ଅଗ୍ନିଗଙ୍ଗାମା’ ଠାକୁରାଣୀଙ୍କ ପ୍ରିୟ ଭକ୍ତ ଥିଲେ। ପ୍ରତି ବର୍ଷ ଫାଲଗୁନ ଚୈତ୍ରମାସର ଶୁକ୍ଳପକ୍ଷର ଦଶମୀକୁ ମା’ ଅଗ୍ନିଗଙ୍ଗାମା ଠାକୁରାଣୀ ଲକ୍ଷାଧିକ ଭକ୍ତଙ୍କ ସମାଗମରେ ଦର୍ଶନ ଦେଇଥାନ୍ତି। ବିଶେଷ କରି ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ରାଜ୍ୟରୁ ଲକ୍ଷାଧିକ ଭକ୍ତ ନିଜ ନିଜର ମନସ୍କାମନା ପୂରଣ ନିମନ୍ତେ ମା’ଙ୍କ ଦର୍ଶନ କରିବା ପାଇଁ ଏହି ଯାତ୍ରା ସମୟରେ ଆସିଥାନ୍ତି। ସ୍ଥାନୀୟ ଅଗ୍ନିଗଙ୍ଗାମା’ ଠାକୁରାଣୀ ପୂଜା କମିଟି ତରଫରୁ ଚଳିତ ବର୍ଷ ଯାତ୍ରା ଶାନ୍ତିଶୃଙ୍ଖଳା ସହିତ ପରିଚାଳନା ନିମନ୍ତେ ସ୍ଥାନୀୟ ତହସିଲଦାର ସୋନାଲି ପାତ୍ର, ବିଡିଓ ଅଭିଜିତ ବିଶ୍ୱଜିତ ସେଠୀ, ଥାନା ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ଓ ସମସ୍ତ ସରକାରୀକଳର ସହଯୋଗ ନିଆଯାଇଛି। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୂଜା କମିଟି ନିଲାବାଡ଼ି ଯାତ୍ରାକୁ ଅତି ସୁନ୍ଦର ଭାବରେ ସାଜସଜ୍ଜା କରିବା ସହିତ ଆଲୋକର ବ୍ୟବସ୍ଥା କରାଯାଇଛି। ଅନେକ ଦୋକାନବଜାର ସହିତ ମିନାବଜାର ଖୋଲାଯାଇଛି। ଭକ୍ତଙ୍କୁ ଦର୍ଶନ କରିବା ପାଇଁ ଅଧିକ ସୁବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଥିବାବେଳେ ଟ୍ରାଫିକ ସମସ୍ୟା ଯେପରି ନ ଉପୁଜେ ସେ ଉପରେ ଗୁରୁତ୍ୱ ଦିଆଯାଇଛି। ଯାତ୍ରାଟି ଦୀର୍ଘ ୯ ଦିନ ଧରି ଚାଲିବାକୁ ଥିବାବେଳେ ଆସନ୍ତା ୨୭ ତାରିଖ ବୁଧବାର ଏହା ଉଦଯାପିତ ହେବ। ଏଥିପାଇଁ ସ୍ଥାନୀୟ ପୂଜା କମିଟିର ସଭାପତି ବି.ସତ୍ୟମନାଇଡୁ, ଉପ ସଭାପତି ଜନାର୍ଦ୍ଦନ ସାହୁକାର, ସମ୍ପାଦକ ରବି ଗାଣ୍ଡା, ଯୁଗ୍ମ ସମ୍ପାଦକ ସୁବାଷ ପଣ୍ଡିତ, ଅଡିଟର କିଶୋର ପଟ୍ଟନାୟକ, ଅର୍ଗାନାଇଜର ପ୍ରସନ୍ନ ପଟ୍ଟନାୟକ, ଆଡଭାଇଜର୍ ଜି. ଆପଲ ନାଇଡୁ, ଲାଚିଗା ବେନ୍ୟା, ଦୂର୍ଯ୍ୟ ନାଗ, ବନମାଳି ଖରା, ସଦନ ପିଡ଼ିକା ଓ ଏକ୍ଟିଭ ମେମ୍ବର ପି. ଜନାର୍ଦ୍ଦନ, ପି. ଜଗଦିଶ, ଭରତ କାଡ୍ରାକା, ଜିଆନା ମେଲେକା ଓ ପୁରୁଟା ମେଲେକା ଉପସ୍ଥିତ ରହି ଆମ ଗଣମାଧ୍ୟମ ପ୍ରତିନିଧିଙ୍କ ମାଧ୍ୟମରେ ସମସ୍ତଙ୍କୁ ଅଗ୍ନିଗଙ୍ଗା ମା’ ଠାକୁରାଣୀଙ୍କ ଦର୍ଶନ ଶାନ୍ତିଶୃଙ୍ଖଳାରେ କରିବା ପାଇଁ ଭକ୍ତମାନଙ୍କୁ ଅନୁରୋଧ କରିଛନ୍ତି।





# ଲୋପ ପାଇବାରେ ଲାଗିଛନ୍ତି ଘରଚଟିଆ

**ଗଞ୍ଜାମ, ୧୯ ।୩ (ସମିସ):**

ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ଘର ଚଟିଆ ଦିବସ ଭାବେ ପାଳନ କରାଯାଏ। ଆଜି ଘରଚଟିଆ ମାନଙ୍କ କିଚିରି ମିଚିରି ଶବ୍ଦ ମନେ ପଡେ। ଏବେ ଏହା ଶୁଣିବା ସାତ ସପନ ହୋଇଗଲାଣି। ଦିନଥିଲା ଯେତେବେଳେ ସେମାନେ ଆସି ଚାଳ ଘରେ ବସା ତିଆରି କରୁଥିଲେ। ଅଣ୍ଡାଦେଇ ଛୁଆ ଫୁଟାଉଥିଲେ। ବସା ତିଆରି କରିବା ପାଇଁ ବାଛି ନେଉଥିଲେ ଅନ୍ଦିକନ୍ଦି ଜାଗା। ମାତ୍ର ଏବେ ନିର୍ଭର କରୁଛନ୍ତି ଆମର ଦୟା ଉପରେ। ଏପରିକି ସାରା ପୃଥିବୀରେ ଲୋକେ ଘର ଚଟିଆ ଶୁଭ ମାନସୀ ପାଳନ କରୁଛନ୍ତି ଘରଚଟିଆ ଦିବସ ତଥା ସଂରକ୍ଷଣ କାର୍ଯ୍ୟକ୍ରମ। ପ୍ରକୃତି ଓ ପ୍ରାକୃତିକ ସମ୍ପଦର ସଂରକ୍ଷଣ ପାଇଁ ଆଇୟୁସିଏନ ନାମରେ ଏକ ଅନ୍ତର୍ଜାତୀୟ ସଂସ୍ଥା ଗଠିତ ହୋଇଛି। ଏହାର ରିପୋର୍ଟ ଅନୁଯାୟୀ ୨୦୦୫ ସୁଦ୍ଧା ପୃଥିବୀରେ ଘର ଚଟିଆ ମାନଙ୍କ ସଂଖ୍ୟା ଶତକଡା ୮୦ ପ୍ରତିଶତ କମିଗଲାଣି। ଏହାର ଅର୍ଥ ପ୍ରତି ୧୦୦ଟି ମଧ୍ୟରୁ ପାଖାପାଖି ୨୦ଟି ବଞ୍ଚିଛନ୍ତି। ବିଶ୍ୱରେ ପରିବେଶ ସୁରକ୍ଷା ପାଇଁ କାମ କରୁଥିବା ଅନୁଷ୍ଠାନ ଗୁଡିକ ଏମାନଙ୍କୁ ସୁରକ୍ଷା ଦେବା ପାଇଁ ଆଗେଇ ଆସିଛନ୍ତି। ଘର ଚଟିଆ ମାନଙ୍କୁ ସୁରକ୍ଷା ଦେବାପାଇଁ ଭାରତର ବିଭିନ୍ନ ରାଜ୍ୟରେ ଏନଜିଓ ବା ବେସରକାରୀ ସଂସ୍ଥା ମାନେ ହାତକୁ ନେଇଛନ୍ତି। ଆଇୟୁସିଏନର ନିୟମ ଅନୁଯାୟୀ ୨୦୧୦ ଠାରୁ ବିଶ୍ୱରେ ମାର୍ଚ୍ଚ ୨୦ ତାରିଖ ଦିନ ଘରଚଟିଆ ଦିବସ ପାଳନ କରାଯାଉଛି। ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଲା ଦୀକ୍ଷିତ ୨୦୧୨ ଠାରୁ ଘରଚଟିଆକୁ ଦିଲ୍ଲୀରେ ରାଜ୍ୟ ପକ୍ଷୀର ମାନ୍ୟତା ଦେଇଥିଲେ।

ସେହିପରି ତତ୍କାଳିନ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଘର ଚଟିଆକୁ ୨୦୧୪ରେ ରାଜ୍ୟ ପକ୍ଷୀର ମାନ୍ୟତା ଦେଇଥିଲେ। ପ୍ରଶ୍ନ ଉଠେ ଏହି ଛୋଟିଆ ଚଢେଇଟି ପ୍ରତି ବିପଦ ମାଡି ଆସିଲା କାହିଁକି? ସମ୍ପ୍ରତି ଗାଁ ଗୁଡିକ ମିନି ସହରରେ ପରିଣତ ହେବାକୁ ବସିଲାଣି। ଚାଳ ଘର ଗୁଡିକ ବଦଳରେ ଏବେ ମାଳ ମାଳ କୋଠା ଘର ତିଆରି ହେଲାଣି। ଅନ୍ୟ ପକ୍ଷରେ ବଣ ବୁଦା ଗୁଡିକୁ ସଫା କରି ବର୍ତ୍ତମାନ ତିଆରି ହେଉଛି ମାଳ ମାଳ କୋଠା ଘର, ପକ୍କା ରାସ୍ତା, କଳ କାରଖାନା। ଯଦି ଚାଳ ଘର ନାହିଁ, ଟାଇଲ ଘର ନାହିଁ, ବଣ ବୁଦା ନାହିଁ ତାହାହେଲେ ସେମାନେ କିପରି ବସା ତିଆରି କରିପାରିବେ। ବଣ ବୁଦା ନଥିଲେ କେଉଁଠି ରହିବେ ପୋକ ଜୋକ? ପୋକ ଜୋକ ନ ମିଳିଲେ ଘର ଚଟିଆ ନିଜେ କଣ ଖାଇବେ ନିଜ ଛୁଆକୁ ଖାଇବାକୁ କଣ ଖାଇବାକୁ ଦେବେ? ପୁଣି ଗଛ ଲଗାଇବା ନାଁରେ ଯେଉଁ ସବୁ କିସମର ଗଛ ମାନ ଲଗା ଯାଉଛି। ସେଗୁଡିକ ତ ଘର ଚଟିଆ ମାନଙ୍କ ଅଚିହ୍ନା। ତେଣୁ ସେମାନେ କେଉଁ ଭରସାରେ ସେଠାରେ ବସା ବାନ୍ଧିବେ। ସେହିପରି ମୋବାଇଲ ଫୋନ ଟାୱାରର ମାଇକ୍ରୋ ୱେଭ ତରଙ୍ଗ ମଧ୍ୟ ନୀରବରେ ସେମାନଙ୍କୁ ମାରି ଚାଲିଛିଫ ଓଡ଼ିଶାର ପରିବେଶ ସହିତ କାମ କରୁଥିବା ରବୀନ୍ଦ୍ର ନାଥ ସାହୁ ଗଞ୍ଜାମ ଜିଲ୍ଲା ପୁରୁଣାବନ୍ଧ ଗ୍ରାମରେ ୨୦୦୭ ଠାରୁ ଘର ଚଟିଆ ମାନଙ୍କ ସୁରକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବର୍ତ୍ତମାନ ସେହି କାର୍ଯ୍ୟକ୍ରମ ଓଡ଼ିଶାର ବିଭିନ୍ନ ଜିଲ୍ଲା ରେ ପରିଚାଳିତ ହେଉଛି। ଏହା ସହିତ କୃତିମ ବସା ଅନ୍ୟ ରାଜ୍ୟର ସିମଲା, ବିଶାଖାପାଟଣାମ, ହାଇଦ୍ରାବାଦ ଓ ବାଙ୍ଗାଲୋର ଠାରେ ଘର ଚଟିଆ ସଂରକ୍ଷଣରେ ବ୍ୟବହୃତ ହେଉଛି। ଏହି କାର୍ଯ୍ୟକ୍ରମ ମଧ୍ୟ ସଫଳ ହୋଇଛି। ତେବେ ଜୀବଜବତ ମଧ୍ୟରେ ସମସ୍ତ ଜୀବଜନ୍ତୁ, ପଶୁପକ୍ଷୀଙ୍କ ବଞ୍ଚିବା ପାଇଁ ପରିବେଶ ସୃଷ୍ଟି ହୋଇଛି। ହେଲେ ପରିବେଶ ପ୍ରଦୂଷଣ ଯୋଗୁଁ ପୃଥିବୀରୁ ଗୋଟିଏ ପରେ ଗୋଟିଏ ଜୀବ ଲୋପ ପାଇବାରେ ଲାଗିଛନ୍ତି।



## ବାଲି ଲିଜ୍‌ଧାରୀଙ୍କ ‘ଦାଦାବଟି’ ଅଭିଯୋଗ

**ଆସିକା, ୧୯ ।୩ (ସମିସ):** ଆସିକା ଥାନା ଅନ୍ତର୍ଗତ ଚେରମାରିଆ ନିକଟରେ ଥିବା ଋଷିକୁଲ୍ୟା ଘାଟରୁ ବାଲି ଲିଜ ହୋଇଥିବାବେଳେ ବାଲି ଲିଜ ଧାରୀ ଗୁଡିସର ଗ୍ରାମର ସୁଧାଧର ଚୌଧୁରୀ ଟ୍ରକ୍ ଯୋଗେ ବାଲି ନେଉଛନ୍ତି। ତେବେ ଗତ ଦୁଇ ଦିନ ତଳେ କେନ୍ଦୁପଦର-ଚେର ମାରିଆ ସେତୁ ଦେଇ ଯାଉଥିବା ବାଲି ଟ୍ରକକୁ ସ୍ଥାନୀୟ ଲୋକେ ଅଟକାଇ ଥିଲେ। ଏ ନେଇ ସୁଧାଧର ଗାଁ ଲୋକେ ଦାଦା ବଟି ମାଗିବା ନେଇ ଚେର ମାରିଆ ଗାଁର ଅନିଲ ବିଷୋୟୀ, ସୁନୀଲ ବିଷୋୟୀ, ଅରବିନ୍ଦ ବିଷୋୟୀଙ୍କ ସମେତ ଆଉ କିଛି ବ୍ୟକ୍ତିଙ୍କ ନାମରେ ଅଭିଯୋଗ କରିଛନ୍ତି। ଗୋଟିଏ ପଟେ ଦାଦା ବଟି ମାଗିବା ନେଇ ଲିଜ ଧାରୀ ମାଲିକ ଥାନାରେ ଅଭିଯୋଗ କରିଥିବା ବେଳେ ଅନ୍ୟ ପଟେ ନବ ନିର୍ମିତ ସେତୁ ଉପରେ ଟ୍ରକ ଟ୍ରକ ବାଲି ଯାଉଥିବା ଯୋଗୁ ତାହା କ୍ଷତିଗ୍ରସ୍ତ ହେଉଥିବା ନେଇ ସ୍ଥାନୀୟ ଲୋକ ସୋମବାର ବାଲି ଗାଡିକୁ ଅଟକାଇ ଥିଲେ।

**ଉମରକୋଟ ଓକିଲ ସଂଘର ନିର୍ବାଚନ**

# ପ୍ରଶାନ୍ତ ସଭାପତି, ରାମକୃଷ୍ଣ ସମ୍ପାଦକ ନିର୍ବାଚିତ

**ଉମରକୋଟ,୧୯।୩(ସମିସ):** ଉମରକୋଟ ଓକିଲ ସଂଘର ସଭାପତି ନିର୍ବାଚନର ଫଳାଫଳ ପ୍ରକାଶ ପାଇଛି।





ସପ୍ତମ ଥର ପାଇଁ ପ୍ରଶାନ୍ତ କୁମାର ସାହୁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସମସ୍ତ ପଦପଦବୀରେ ଗୋଟିଏ ଲେଖାଏଁ ନାମାଙ୍କନ ପତ୍ର ଦାଖଲ ହୋଇଥିବାରୁ ନିର୍ଦ୍ୱନ୍ଦ୍ୱରେ ବିଜୟ ହୋଇଛନ୍ତି। ପ୍ରକାଶ ଯେ, ମାର୍ଚ୍ଚ ୧୨ ତାରିଖରେ ସଂଘ ର ବିଭିନ୍ନ ପଦବୀ ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା। ସଭାପତି ଭାବେ ପ୍ରଶାନ୍ତ କୁମାର ସାହୁ, ଉପସଭାପତି ଭାବେ ପ୍ରଦୀପ ପଟ୍ଟନାୟକ, ସମ୍ପାଦକ ଭାବେ ରାମକୃଷ୍ଣ ନାୟକ, ସହ ସମ୍ପାଦକ ଭାବେ ସଞ୍ଜୟ ବିଷୋୟୀ, କୋଷାଧ୍ୟକ୍ଷ ଭାବେ ଯୋଗେନ୍ଦ୍ର ମାଝୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହି ସମସ୍ତ ପଦବୀରେ ଜଣେ ଲେଖାଏଁ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ସେମାନେ ବିଜୟୀ ହୋଇଛନ୍ତି। ସଭାପତି ଶ୍ରୀ ସାହୁ ସଂଘ ଓ ସଦସ୍ୟଙ୍କ ସେବାରେ ନିୟୋଜିତ ରହିବେ ବୋଲି କହିଛନ୍ତି। ନିର୍ବାଚନକୁ ମନୋଜ ମହାପାତ୍ର ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ।

# ଗାଁରେ ବୁଲୁଛି ଜଙ୍ଗଲୀ ଭାଲୁ

**କୋଷାଗୁମୁଡ଼ା,୧୯।୩(ସମିସ)**

ଖାଦ୍ୟ ଅନ୍ୱେଷଣ କରି ଗାଁ ମୁହାଁ ହେଉଛନ୍ତି ଜଙ୍ଗଲୀ ଭାଲୁ। ଦିନକୁ ଦିନ କୋଷାଗୁମୁଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଜଙ୍ଗଲୀ ଭାଲୁ ଗାଁ ଭିତରେ ବୁଲିବା ସହ ଲୋକଙ୍କୁ କାମୁଡ଼ି ଗୁରୁତର କରୁଥିବା ଖବର ସାମ୍ନାକୁ ଆସୁଛି। ଏଭଳି ଏକ ଘଟଣା ମଙ୍ଗଳବାର କୋଷାଗୁମୁଡ଼ା ବ୍ଲକର ଏମଗୁମୁଣ୍ଡୁଳୀ ଗାଁଠାରେ ଦେଖିବାକୁ ମିଳିଛି। ଦିନ ୧୧ଟା ସମୟରେ ଗ୍ରାମ ନିକଟରେ ଏକ ଜଙ୍ଗଲୀ ଭାଲୁ ବୁଲୁଥିବା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ବିଗତ ତିନି ଦିନ ତଳେ ଏମ୍-



କେରାଗାଁ ଠାରେ ଦିବା ୧୧ଟା ସମୟରେ ଜଣେ ବ୍ୟକ୍ତିଙ୍କ ଦୁଇ ଗୋଡ଼କୁ କାମୁଡି ଖାଇ ଯାଇଥିଲା ଭାଲୁ। ବର୍ତ୍ତମାନ ଗୁରୁତର ବ୍ୟକ୍ତି କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପାଞ୍ଚ ଦିନ ତଳେ କୋଡ଼ିଙ୍ଗା ରେଞ୍ଜର ଏବଂ ଡିଏଫଓଙ୍କ ନେତୃତ୍ୱରେ ଏକ ଜଙ୍ଗଲୀ ଭାଲୁକୁ ବରଗାଁର ଏକ ପରିତ୍ୟକ୍ତ ଗୃହରୁ ଯନ୍ତା ଦ୍ୱାରା ଧରାଯାଇଥିଲା।

ବର୍ତ୍ତମାନ ଜଙ୍ଗଲୀ ଭାଲୁ ବୁଲୁଥିବା ନେଇ ଭିଡିଓ ଭାଇରାଲ ହେବା ପରେ ଲୋକେ ସକାଳ ଓ ସନ୍ଧ୍ୟାରେ ଘରୁ ବାହାରିବାକୁ ଡରୁଥିବାବେଳେ ଅଞ୍ଚଳରେ ଏକ କୋକୁଆ ଭୟ ଖେଳି ଯାଇଛି। ଏହାକୁ ନେଇ ବନ ବିଭାଗ ପକ୍ଷରୁ ଅଞ୍ଚଳରେ ଭାଲୁ ଏବଂ କୌଣସି ହିଂସ୍ରଜନ୍ତୁଙ୍କ ପ୍ରତି ନଜର ରଖି ସୂଚନା ଦେବା ସହ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯାଉଥିବା କୋଡ଼ିଙ୍ଗା ବନବିଭାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# ଆଦର୍ଶ ଆଚରଣବିଧି ଘୋଷଣା ପରେ ହଟୁଛି ସହରର ହୋର୍ଡିଂ



**ନବରଙ୍ଗପୁର,୧୯।୩(ସମିସ):** ଚଳିତ ୨୦୨୪ ସାଧାରଣ ନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ କମିଶନର ତାରିଖ ଘୋଷଣା କରିବା ପରେ ଲାଗୁ ହୋଇଛି ଆଦର୍ଶ ଆଚରଣ ବିଧି। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ନବରଙ୍ଗପୁର ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଡ. କମଳଲୋଚନ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ହୋର୍ଡିଂ ସବୁ ହଟାଇ ଦିଆଯାଉଛି। ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ସହରର ବିଭିନ୍ନ ସ୍ଥାନର ପୋଷ୍ଟର ଓ ହୋର୍ଡିଂ ସବୁ ବାହାର କରାଯାଉଛି। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସହରର ଯେଉଁ ସବୁ ସ୍ଥାନରେ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ହୋର୍ଡିଂ, ସରକାରୀ ଯୋଜନା ହୋର୍ଡିଂ, ବିଭିନ୍ନ ପ୍ରଚାର ହୋର୍ଡିଂ, ପୋଷ୍ଟର ଓ ବ୍ୟାନର ସହିତ ବିଭିନ୍ନ ରାଜନେତାଙ୍କ ଦଳୀୟ ପ୍ରଚାରରେ ଲଗାଯାଇଥିବା ପୋଷ୍ଟର ବ୍ୟାନର ସବୁକୁ ବାହାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଡ. କମଳଲୋଚନ ମିଶ୍ର।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପରିସଂଖ୍ୟାନ ବିଭାଗର ଆଲୋଚନାଚକ୍ର

**କୋରାପୁଟ,୧୯।୩(ସମିସ):** ଭାରତର ବିକଶିତ ପରିଦୃଶ୍ୟରେ ପରିସଂଖ୍ୟାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବିଚାରବିମର୍ଶ କରିବା ପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପରିସଂଖ୍ୟାନ ବିଭାଗ ଆନୁକୂଲ୍ୟରେ 'ଉଦୀୟମାନ ଭାରତରେ ପରିସଂଖ୍ୟାନର ଭୂମିକା ୨୦୪୭ ଏକ ବହୁବିଭାଗୀୟ ଆଭିମୁଖ୍ୟ' ଶୀର୍ଷକ ଉପରେ ଜାତୀୟସ୍ତରୀୟ ଆଲୋଚନା ଚକ୍ର ଆୟୋଜିତ ହୋଇଛି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ କ୍ୟାମ୍ପସରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତି ଓ ବିଦ୍ୱାନମାନେ ଏକତ୍ରିତ ହୋଇ ଏହି ବିଷୟରେ ଆଲୋଚନା କରିଛନ୍ତି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମର ଉଦ୍‌ଘାଟନ ଓ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ରେଜିଷ୍ଟ୍ରାର ପ୍ରଫେସର ଏନ୍‌ସି ପଣ୍ଡା ଯୋଗଦେଇଥିଲେ। କୋଲକାତାର ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଏସ୍‌ବି ବାଗଚୀ, କୋଲକାତାର ଆଶୁତୋଷ କଲେଜର ପୂର୍ବତନ ମୁଖ୍ୟ ଡ. ତପତୀ ବାଗଚୀ, ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ତିରୁପତି ରାଓ ପାଡି, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ରଞ୍ଜିତା ପାଣ୍ଡେ ଓ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରିୟରଞ୍ଜନ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଫେସର ତ୍ରିପାଠୀ ଭାରତୀୟ ଜ୍ଞାନ ଢାଞ୍ଚାରେ ପରିସଂଖ୍ୟାନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହ ଭାରତୀୟ ଶିକ୍ଷା ଓ ବିକାଶରେ ଯୋଗଦାନ କରିବାକୁ ବିଭାଗକୁ ଅନୁରୋଧ କରିଥିଲେ। ପ୍ରଫେସର ପଣ୍ଡା ଭାରତୀୟ ପରିସଂଖ୍ୟାନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିବାବେଳେ ପ୍ରଫେସର ବାଗଚୀ ଭାରତର ପରିସଂଖ୍ୟାନର ଇତିହାସ ଓ ଶିକ୍ଷାଗତ ଦିଗ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ। ପ୍ରଫେସର ପାଡି ବିଭିନ୍ନ କ୍ଷେତ୍ରରେ ପରିସଂଖ୍ୟାନର ବିବିଧ ପ୍ରୟୋଗ ଏବଂ ଗୁରୁତ୍ୱ ଉପରେ ଆଲୋକପାତ କରିଥିବାବେଳେ ପ୍ରଫେସର ପାଣ୍ଡେ ପରିସଂଖ୍ୟାନ ଏବଂ ସମ୍ଭାବ୍ୟତାର ଧାରଣାକୁ ସ୍ପଷ୍ଟ ଭାବରେ ବର୍ଣ୍ଣନା କରିଥିଲେ। ପ୍ରଫେସର ପ୍ରିୟରଞ୍ଜନ ଦାଶ ସ୍ୱାଧୀନତା ପୂର୍ବରୁ ଆରମ୍ଭ କରି ସମସାମୟିକ ଯୁଗ ପର୍ଯ୍ୟନ୍ତ ଭାରତରେ ପରିସଂଖ୍ୟାନର ଐତିହାସିକ ଗତିପଥ ଉପରେ ଆଲୋକପାତ କରିବା ସହ ଦେଶର ଆବିର୍ଭାବରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ। ପରିସଂଖ୍ୟାନ ବିଭାଗର ମୁଖ୍ୟ ଡ. ଗୁରଜିତ ସିଂ ୱାଲିଆ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧ୍ୟାପକ, ପଣ୍ଡିତ ଓ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ଚିନ୍ତାଧାରା ଓ ଜ୍ଞାନର ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟ ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣେଇଛନ୍ତି।



# 'ଉତ୍କଳ ଦିବସ' ପାଳନ ପାଇଁ ପ୍ରସ୍ତୁତି ବୈଠକ

**ଜୟପୁର,୧୯।୩(ସମିସ):** କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଯାଦବ ଭବନଠାରେ ଜିଲ୍ଲା ଉତ୍କଳ ସମ୍ମିଳନୀ ପକ୍ଷରୁ ଆସନ୍ତା ଏପ୍ରିଲ ପହିଲାରେ 'ଉତ୍କଳ ଦିବସ' ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ଜିଲ୍ଲା ସଂଗଠନ ସମ୍ପାଦକ ପରମେଶ୍ୱର ପାତ୍ର ଏବଂ ସମ୍ପାଦକ ନବୀନ ମାଦଲାଙ୍କ ଆହ୍ୱାନ କ୍ରମେ ସଭାପତି ମଦନମୋହନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଓଡ଼ିଆ ଭାଷାର ପ୍ରଚାରପ୍ରସାର ଓ ବିକାଶ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା। ଦିବସ ଅବସରରେ କୁଇଜ୍ ପ୍ରତିଯୋଗିତା ଏବଂ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବା ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରାଜେନ୍ଦ୍ର ଗୌଡ଼, ଉପଦେଷ୍ଟା ଚନ୍ଦ୍ରକାନ୍ତ ସୂତାର, ସତ୍ୟନାରାୟଣ ପରିଛା, ଶ୍ରୀନିବାସ ପାତ୍ର, ଚନ୍ଦନ ନାୟକ ଉପସ୍ଥିତ ଥିଲେ। ଶେଷରେ ଖଲି ପଟ୍ଟନାୟକ ଧନ୍ୟବାଦ୍ ଦେଇଥିଲେ।

# ରାମେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ଏବଂ ବିଗ୍ରହ ସ୍ଥାପନ ଉତ୍ସବ



**ମାଲକାନଗିରି,୧୯।୩(ସମିସ):** ସଦର ମହକୁମା ପୁରୁଣା ମେଡିକାଲ ଛକ ଶାସ୍ତ୍ରୀନଗରରେ ମଙ୍ଗଳବାର ରାମେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ଏବଂ ବିଗ୍ରହ ସ୍ଥାପନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଅବସରରେ ମନ୍ଦିର ପରିସରରେ ଅଙ୍କୁରାରୋପଣ, କଳସ ଯାତ୍ରା, ମଣ୍ଡଳାଧୀକରଣ, ଅଗ୍ନି ସ୍ଥାପନ ଓ ଯଜ୍ଞାଦି ପୂଜା କର୍ମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଷ୍ଠା ଉତ୍ସବ ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ଶତାଧିକ ମହିଳା ପୁଷ୍କରଣୀରୁ କଳସରେ ପବିତ୍ର ଜଳ ସଂଗ୍ରହ କରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ମନ୍ଦିର ପରିସରରେ କଳସ ସ୍ଥାପନ କରିଥିଲେ। ଆସନ୍ତା କାଲି ସୂର୍ଯ୍ୟା ପୂଜା, ଗୋ ପୂଜା, ବିଗ୍ରହମାନଙ୍କ ସ୍ନାନ, ଶୟନ, ଜୀବନ୍ୟାସ, ଯଜ୍ଞାଧୀକର୍ମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ମାଲକାନଗିରି ସହର ସହ ଆଖପାଖ ଅଞ୍ଚଳରୁ ଶହଶହ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପୁରୀରୁ ଆସିଥିବା ପଣ୍ଡିତଙ୍କ ଦ୍ୱାରା କରାଯାଉଛି।

# ମଣ୍ଡଳସ୍ତରୀୟ ପୋଷଣ କାର୍ଯ୍ୟକ୍ରମ



**ନବରଙ୍ଗପୁର,୧୯।୩(ସମିସ):** ନନ୍ଦାହାଣ୍ଡି ବ୍ଲକର ଧଣ୍ଡରା ପଞ୍ଚାୟତଠାରେ ମଣ୍ଡଳସ୍ତରୀୟ ପୋଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନନ୍ଦାହାଣ୍ଡି ବ୍ଲକର ସିଡିପିଓ ସସ୍ମିତା ମହାନ୍ତି ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁଙ୍କ ଯତ୍ନ ସାଙ୍ଗକୁ ସେମାନଙ୍କୁ କିଭଳି ଉପଯୁକ୍ତ ପୋଷଣ ଯୋଗାଣ ସହିତ ମା'ମାନେ କିପରି ଆବଶ୍ୟକୀୟ ପୋଷଣଯୁକ୍ତ ସୁଷମ ଖାଦ୍ୟ ଗ୍ରହଣ କରିବା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟପକ୍ଷରେ ସେଠାରେ ବିଭିନ୍ନ ପୋଷଣଯୁକ୍ତ ଖାଦ୍ୟ ସାମଗ୍ରୀର ଏକ ପ୍ରଦର୍ଶନୀ ଆୟୋଜିତ କରାଯାଇଥିବାବେଳେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଧଣ୍ଡରା ସେକ୍ଟର ଅନ୍ତର୍ଗତ ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ, କିଶୋରୀ, ଗର୍ଭବତୀ ମହିଳା ଏବଂ ମାଆମାନେ ଉପସ୍ଥିତ ଥିଲେ। ଅଙ୍ଗନବାଡ଼ି କର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ମଦ ପ୍ରସ୍ତୁତି କେନ୍ଦ୍ର ଉପରେ ଅବକାରୀ ଚଢ଼ଉ



**ଜୟପୁର,୧୯।୩(ସମିସ):** କୋରାପୁଟ ଜିଲ୍ଲା ପ୍ରଶାସନ ଏବଂ ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ସୋମବାର ଜୟପୁର, ବୋରିଗୁମ୍ମା ଏବଂ କୋରାପୁଟ ଅବକାରୀ ଥାନା ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା। ବୋରିଗୁମ୍ମା ଅବକାରୀ ଥାନା ଅନ୍ତର୍ଗତ ପଠୁଆଗୁଡ଼ା ଗ୍ରାମରେ ବେଆଇନ ଦେଶୀ ମଦ ପ୍ରସ୍ତୁତ କେନ୍ଦ୍ର ଉପରେ ଚଢ଼ଉ କରାଯାଇ ଦେଶୀ ମଦ ପ୍ରସ୍ତୁତ ପାଇଁ ରଖାଯାଇଥିବା ୩୬୦୦ ଲିଟର ମଦ ଓ ପୋଚ ନଷ୍ଟ କରାଯାଇଥିବାବେଳେ ୨୪୦ ଲିଟର ବେଆଇନ ପ୍ରସ୍ତୁତ ଦେଶୀ ମଦ ଜବତ କରାଯାଇଛି।

ଚଢ଼ଉରେ ଜିଲ୍ଲା ଅବକାରୀ ଉପ ଅଧିକ୍ଷକ ସ୍ୱାଗତିକା ମହାନ୍ତି, ଜୟପୁର ଇନ୍ସପେକ୍ଟର ଶଶିକାନ୍ତ ଦତ୍ତ, ବୋରିଗୁମ୍ମା ଅବକାରୀ ଥାନା ଅଧିକାରୀ ବିଶ୍ୱଜିତ୍ ପାଣଗ୍ରାହୀ, ଜୟପୁର ଅବକାରୀ ଥାନା ଅଧିକାରୀ ନିଳାଦ୍ରୀ ମିଶ୍ର, କୋରାପୁଟ ଅବକାରୀ ଥାନା ଅଧିକାରୀ ସଞ୍ଜୟ କାଣ୍ଡି ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପ୍ରମୁଖ ଏହି ଚଢ଼ଉରେ ଯୋଗ ଦେଇଥିଲେ।

# ନିଶାଦ୍ରି କନ୍ୟାଶ୍ରମର ଉଲ୍ଲେଖନୀୟ ସଫଳତା

**ମୁନିଗୁଡା, ୧୯।୩(ସମିସ):** ରାୟଗଡ଼ା ଜିଲ୍ଲାର ମୁନିଗୁଡା ନିକଟସ୍ଥ ହୁକୁମତୋଳାଠାରେ ଅବସ୍ଥିତ ନିଶାଦ୍ରୀ ଜନଜାତି ଆବାସିକ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ଚଳିତ ବର୍ଷ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଜଣାପଡ଼ିଛି। ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରାଳୟ ଅନୁଦାନରେ ପରିଚାଳିତ ଉକ୍ତ ବିଦ୍ୟାଳୟର ୧୮ ଜଣ ଛାତ୍ରୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଏକଲବ୍ୟ ଆବାସିକ ବିଦ୍ୟାଳୟ ପାଇଁ ପ୍ରବେଶିକା ପରୀକ୍ଷା ଦେଇଥିବା ବେଳେ ଶତ ପ୍ରତିଶତ ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ଦୁଇ ଜଣ ଛାତ୍ରୀ ଏକଲବ୍ୟ ବିଦ୍ୟାଳୟ ପାଇଁ ଯୋଗ୍ୟା ବିବେଚିତା ହୋଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପି ଶୋଭରାଣୀ ପ୍ରକାଶ କରିଛନ୍ତି ଯେ ଅନୁଷ୍ଠାନର ନିର୍ଦ୍ଦେଶକ ସାରଙ୍ଗଧର ସାମଲ, ପ୍ରଧାନ ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛୁମାନେ ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଅନ୍ୟପକ୍ଷରେ ଅଞ୍ଚଳବାସୀ ଓ ଅଭିଭାବକମାନେ ବିଦ୍ୟାଳୟର କର୍ମକର୍ତ୍ତା ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି।



# ଫେଷ୍ଟିଭାଲ ଅଫ୍ ଲେଟର୍ସରେ ଡ. ପ୍ରୀତିଧାରା ସାମଲଙ୍କ ଯୋଗଦାନ



**କୋରାପୁଟ,୧୯।୩(ସମିସ):** କେନ୍ଦ୍ର ସାହିତ୍ୟ ଏକାଡେମି ନୂଆଦିଲ୍ଲୀ ଦ୍ୱାରା ୬ ଦିନିଆ ଅକ୍ଷର ମହୋତ୍ସବ ତଥା ଫେଷ୍ଟିଭାଲ ଅଫ ଲେଟର୍ସ ଆୟୋଜିତ ହୋଇଛି। ଏକାଡେମିର ୭୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ବିଶ୍ୱର ସର୍ବ ବୃହତ୍ତମ ସାହିତ୍ୟ ଉତ୍ସବରେ ସମସ୍ତ ଭାରତୀୟ ଭାଷା ଓ ସାହିତ୍ୟରେ ପ୍ରବୀଣ ଓ ତରୁଣ ଲେଖକଲେଖିକା ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବହୁଭାଷୀ କବିତା ପାଠ ଉତ୍ସବରେ ଓଡ଼ିଶାରୁ ଅନ୍ୟ ବରିଷ୍ଠ ଲେଖିକାଙ୍କ ସହ କବି ଡ. ପ୍ରୀତିଧାରା ସାମଲ ଯୋଗଦେଇ ସ୍ୱରଚିତ ଓଡ଼ିଆ କବିତା ସହ ଚାରୋଟି କବିତାର ହିନ୍ଦୀ ଅନୁବାଦ ପାଠ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ପ୍ରୀତିଧାରାଙ୍କ କବିତାକୁ ହିନ୍ଦୀରେ ଅନୁବାଦ କରିଥିଲେ ବିଶିଷ୍ଟ ଅନୁବାଦକ ରାଧୁ ମିଶ୍ର। ବିଶିଷ୍ଟ ହିନ୍ଦୀ କବି ଚନ୍ଦ୍ରଭାନ ଖୟାଲ ଏହି ଅଧିବେଶନରେ ପୌରହିତ୍ୟ କରିଥିବା ବେଳେ ମରାଠୀ, କାଶ୍ମିରୀ, ମୈଥିଳୀ, ସଂସ୍କୃତ, ତେଲୁଗୁ ଓ ହିନ୍ଦୀ ଭାଷାର କବି ନିଜନିଜ କବିତା ପାଠ କରିଥିଲେ। ପୂର୍ବାହ୍ନରେ ସଂଗୀତ ନାଟକ ଏକାଡେମୀର ମେଘଦୂତ ଖୋଲା ପ୍ରେକ୍ଷାଳୟଠାରେ ଆୟୋଜିତ ବିଶ୍ୱ ରେକର୍ଡ କରିଥିବା ୱାର୍ଲ୍ଡ ରିଡିଂ ଅଫ୍ ପୋଏଟର୍ସ କାର୍ଯ୍ୟକ୍ରମରେ ଭାଗନେଇ ସ୍ୱରଚିତ ଓଡ଼ିଆ କବିତା ପାଠ କରିଥିଲେ।

ଅକ୍ଷର ମହୋତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଓଡ଼ିଆ ଲେଖିକା ପଦ୍ମବିଭୂଷଣ ପ୍ରତିଭା ରାୟ ଯୋଗଦେଇଥିବା ବେଳେ ସିନେମା ଓ ସାହିତ୍ୟ ଶୀର୍ଷକରେ ସମ୍ବାଦ ଉତ୍ସର ବ୍ୟାଖ୍ୟାନ ପ୍ରଦାନ କରିଥିଲେ ବିଶିଷ୍ଟ ଉର୍ଦ୍ଦୁକବି ଗୁଲଜାର। ଏକାଡେମିର ସଭାପତି ମାଧବ କୌଶିକ ଓ ସମ୍ପାଦକ ଡ. ଶ୍ରୀନିବାସ ରାଓଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ଏହି କାର୍ଯ୍ୟକ୍ରମରେ ପ୍ରୀତିଧାରା ସାମଲଙ୍କ ସମେତ ଡ. ଗାୟତ୍ରୀବାଳା ପଣ୍ଡା, ଡ. ଗୌରହରୀ ଦାସ, ଡ. ବିଜୟାନନ୍ଦ ସିଂହ ପ୍ରମୁଖ ଯୋଗଦେଇଥିଲେ।

# ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ନିଟ୍ ଛାତ୍ରଛାତ୍ରୀଙ୍କ ଦାବିପତ୍ର

**ଉମରକୋଟ,୧୯।୩(ସମିସ)**

ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବ୍ଲକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତଦୁଇ ବିଜ୍ଞାନରେ ପଢୁଥିବା ଛାତ୍ରଛାତ୍ରୀ ନିଟ୍ ପରୀକ୍ଷା ଦେବା ପାଇଁ ପ୍ରଶାସନ ପକ୍ଷରୁ ପଢ଼ିବା, ରହିବା ଓ ଖାଇବାର ବନ୍ଦୋବସ୍ତ ନଥିବାରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ)ଙ୍କ ଜରିଆରେ ପ୍ରଦାନ କରିଛନ୍ତି। ସୂଚନାନୁଯାୟୀ, ନବରଙ୍ଗପୁର ଜିଲ୍ଲା ଡାବୁଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତଦୁଇ ବିଜ୍ଞାନରେ ପଢୁଥିବା ୨୬ ଜଣ ଗରିବ ଆଦିବାସୀ ପରିବାରର ଛାତ୍ରଛାତ୍ରୀ ପ୍ରାୟ ୭ବର୍ଷ ହେବ ଡାବୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରୁ ଆରମ୍ଭ କରି ଯୁକ୍ତଦୁଇ ବିଜ୍ଞାନ ଶେଷ ହେବା ଯାଏଁ ପାଠ ପଢ଼ିଛନ୍ତି। ଆଗକୁ ମେଡିକାଲ ଲାଇନରେ ପାଠ ପଢ଼ିବା ନିମନ୍ତେ ଇଚ୍ଛା ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଯୁକ୍ତଦୁଇ ବିଜ୍ଞାନ ବହି କିଣିବା ସେମାନଙ୍କ ବ୍ୟାଙ୍କ ଖାତାକୁ ଯେଉଁ



ଟଙ୍କା ମିଳିଥିଲା ସେଥିମଧ୍ୟରୁ ନିଟ୍ ପରୀକ୍ଷା ଦେବା ପାଇଁ ଅନଲାଇନ୍ ରେଜିଷ୍ଟ୍ରେସନ ନିମନ୍ତେ ମୁଣ୍ଡପିଛା ୧୭୦୦ ଟଙ୍କା ଖର୍ଚ୍ଚ କରିଥିଲେ। କିନ୍ତୁ ନିଟ୍ ପ୍ରସ୍ତୁତି ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଆସନ୍ତା ମେ ମାସ ୫ ତାରିଖରେ ଆରମ୍ଭ ହେବାକୁ ଥିବା ନିଟ୍ ପରୀକ୍ଷା ନିମନ୍ତେ କିଭଳି ପ୍ରସ୍ତୁତି କରିବେ ତାହା ଛାତ୍ରଛାତ୍ରୀଙ୍କୁ ଚିନ୍ତାରେ ପକାଇ ଦେଇଛି। ନବରଙ୍ଗପୁର ଜିଲ୍ଲାରେ ନିଟ୍ ତଥା ଡାକ୍ତରୀ ପଢ଼ିବା ପାଇଁ କୌଣସି ବିଦ୍ୟାଳୟ ଅଥବା କୌଣସି ସୁବିଧା ନଥିବାରୁ ଗରିବ ଆଦିବାସୀ ଛାତ୍ରୀମାନେ ଆଗାମୀ ଦିନରେ ଥିବା ପରୀକ୍ଷା ଦେବା ପାଇଁ କିଛି ପ୍ରଶାସନିକ ସୁବିଧା ଦିଆଯିବା ଉଦ୍ଦେଶ୍ୟରେ ଉମରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତିରଞ୍ଜନ ରଥଙ୍କୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଜିଲ୍ଲା ପ୍ରଶାସନ ତୁରନ୍ତ କିଛି ପଦକ୍ଷେପ ନିଅନ୍ତୁ ବୋଲି କହିଛନ୍ତି। ଦରଖାସ୍ତ ଗ୍ରହଣ କଲାପରେ ଜିଲ୍ଲାପାଳଙ୍କ ସହ ଯୋଗାଯୋଗ କରି ଏ ବିଷୟରେ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତିରଞ୍ଜନ ରଥ କହିଛନ୍ତି।

